**ଭୂତତ୍ତ୍ୱବିତ୍ କୁମରବର ମେହେରଙ୍କ ପରଲୋକ**

**କାଳିଆପାଣି (ଡି.ଏନ.ଏ.):** ଯାଜପୁର ଜିଲା କାଳିଆପାଣି ଓଡ଼ିଶା ଖଣି ନିଗମ (ଓଏମ୍‌ସି)ରେ ଭୂତତ୍ତ୍ୱବିତ ଭାବେ କାର୍ଯ୍ୟ କରୁଥିବା କୁମରବର ମେହେରଙ୍କ ବୁଧବାର ରାତିରେ ବିଶାଖାପାଟଣାସ୍ଥିତ ଅପୋଲ ହସ୍ପିଟାଲରେ ପରଲୋକ ହୋଇଛି। ସେ ଯକୃତ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନିଗମର ପ୍ରଣୟ ପ୍ରଭଞ୍ଜନ ମହାପାତ୍ର, ତନିୟା ସିହ୍ନା, ପ୍ରଭାତ ବେହେରାଙ୍କ ସହ ବହୁ ଅଧିକାରୀ ତାଙ୍କ ବରଗଡ଼ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ସଂକ୍ଷେପରେ

### ପିକ୍‌ଅପକୁ ପଛରୁ ପିଟିଲା ଟାଟା ଏସିଇ, ଅଳ୍ପକେ ବର୍ତ୍ତିଲେ ଦୁଇ ଚାଳକ



**ବୌଦ୍ଧ, ୨୩।୩ (ସ୍ୱ.ପ୍ର.):** ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ମୁରୁଖୁଣ୍ଡି ଗ୍ରାମ ନିକଟରେ ଏକ ପିକଅପ୍‌କୁ ପଛରୁ ଟାଟା ଏସି ଧକ୍କା ଦେବାରୁ ଦୁର୍ଘଟଣା ଘଟିଛି। ହେଲେ ଅଳ୍ପକେ ଦୁଇ ଚାଳକ ବର୍ତ୍ତି ଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ ଏକ ଖରାପ ହୋଇଥିବା ଟାଟାଏସିକୁ ପିକଅପ୍ ଗାଡିରେ ଟାଣି ଟାଣି ନେଉଥିବାବେଳେ ଟାଟାଏସି ଗାଡି ଟାଣୁଥିବା ଗାଡିକୁ ପଛରୁ ଜୋରରେ ଧକ୍କା ଦେଇ ରାସ୍ତାରେ ଲୁଟି ପଡିଥିଲା। ଫଳରେ ଗାଡିର ଦୁଇ ଚାଳକ ଏକ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ଯୋଗୁ କିଛି ସମୟ ରାଜପଥରେ ଗାଡିଚଳାଚଳ ବନ୍ଦ ରହିଥିଲା। ଖବରପାଇ ବୌଦ୍ଧ ଥାନା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ହଟାଇବା ପରେ ରାସ୍ତାରେ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ମହାନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବୌଦ୍ଧ, ୨୩।୩(ସ୍ୱ.ପ୍ର):** ବୌଦ୍ଧ ସହରର ଚନ୍ଦ୍ରଚୂଡ ଘାଟଠାରେ ମହାନଦୀରେ ବୁଡି ଜଣେ ଅଜଣା ଯୁବକଙ୍କ ମୃତ୍ୟୁ ହୋଇଛି। ଗୁରୁବାର ଅପରାହ୍ନରେ ଚନ୍ଦ୍ରଚୂଡଘାଟକୁ ଜଣେ ଯୁବକ ଗାଧୋଇବାକୁ ଯାଇଥିବାବେଳେ ହଠାତ ପାଣିରେ ବୁଡ଼ି ଯାଇଥିଲେ। ଉପସ୍ଥିତ ଲୋକମାନେ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ଯୁବକ ଜଣକୁ ପାଣି ଭିତରୁ ଉଦ୍ଧାର କରିପାରି ନ ଥିଲେ। ଏ ସମ୍ପର୍କରେ ସୂଚନା ପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି କରିବା ପରେ ଯୁବକଙ୍କ ମୃତ ଶରୀରକୁ ପାଣିରୁ ଉଦ୍ଧାର କରିଥିଲେ। ମୃତ ଯୁବକଙ୍କ ପରିଚୟ ଜଣାପଡି ନ ଥିବାବେଳେ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଛି।

### ବିପୁଳ ପରିମାଣର ଗଞ୍ଜେଇ ଜବତ

**ବାଉଁଶୁଣୀ, ୨୩।୩(ଡି.ଏନ.ଏ.):** ବୌଦ୍ଧ ଜିଲାରେ ବେଧଡକ ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ ବୌଦ୍ଧରେ ନୂତନ ଏସ୍‌ପି ରାଜ ପ୍ରସାଦ ଯୋଗ ଦେବା ଦିନଠୁ ଗଞ୍ଜେଇ ଚୋରାଚାଲାଣ ରୋକିବାକୁ ଅପରେସନ ଗ୍ରୀନ ଆରମ୍ଭ କରିଛନ୍ତି। ପ୍ରତିଦିନ ଗଞ୍ଜେଇ କାରବାର ଉପରେ ଚଢ଼ାଉ କରାଯାଉଛି। ଗୁରୁବାର ବୌଦ୍ଧ ଏସ୍‌ପି ରାଜ ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ବାଉଁଶୁଣୀ ଥାନା ଓ ବୌଦ୍ଧ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ଆମ୍ବଝରୀ ଗ୍ରାମ୍ୟ ଜଙ୍ଗଲରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏଥିରେ କାହାରିକୁ ଗିରଫ କରାଯାଇନାହିଁ। ପୋଲିସ ଚଢ଼ାଉ ହେବା ଦେଖି ଗଞ୍ଜେଇ ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ବାଉଁଶୁଣୀ ଥାନା ଅଧିକାରୀ ଅରୁଣ ସିଂଙ୍କୁ ପଚାରିବାରୁ ଆସନ୍ତାକାଲି ସବୁ ତଥ୍ୟ ଦିଆଯିବ ବୋଲି କହିଥିଲେ।

### ପ୍ରାକ୍ତନ ଉପନଗରପାଳଙ୍କ ପରଲୋକ

**ସୋନପୁର, ୨୩।୩(ନି.ପ୍ର.):** ସୁବର୍ଣ୍ଣପୁରର ପ୍ରାକ୍ତନ ଉପନଗରପାଳ ତଥା ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଂଗଠନର ପ୍ରତିଷ୍ଠାତା ସଭାପତି ଲକ୍ଷ୍ମୀନାରାୟଣ ମେହେରଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ଅସୁସ୍ଥ



ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୬୯ବର୍ଷ ହୋଇଥିଲା। ଜଣେ ସମାଜସେବୀ, ସଂସ୍କୃତି ପ୍ରେମୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ସୋନପୁର ଓ ମନମୁଣ୍ଡାକୁ ସଫାସୁତୁରା ରଖିବା ପାଇଁ ସ୍ୱଚ୍ଛ ଭାରତ ସଂଗଠନ ଗଠନ କରି ସେ ପ୍ରଶଂସନୀୟ କାର୍ଯ୍ୟ କରି ଆସୁଥିଲେ। ମୃତ୍ୟୁ ସମୟରେ ତିନିପୁଅ ପ୍ରଭାସ, ପ୍ରତ୍ୟୁଷ ଓ ପରେଶଙ୍କ ସମେତ ସ୍ତ୍ରୀ, ପୁତ୍ରବଧୂ ଓ ନାତୁଣିନାତି ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ପଦ୍ମଶ୍ରୀ କୈଳାସ ଚନ୍ଦ୍ର ମେହେର, ଏସ୍‌ପି ଅମରେଶ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ସୋନପୁର ଉପଜିଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶନୀ ମିଶ୍ରଙ୍କ ସମେତ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା, କ୍ରୀଡା ସଂଗଠକ ଓ ସ୍ୱଚ୍ଛ ଭାରତ ସଂଗଠନର କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ରାମେଶ୍ୱର ଶ୍ମଶାନ ଘାଟରେ ମେହେରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ପ୍ରଭାସ ମେହେର ମୁଖାଗ୍ନି ଦେଇଛନ୍ତି। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।

# ହାରଭେଷ୍ଟର ଯୋଗାଣ ନାମରେ ଠକେଇ

**ସୋନପୁର, ୨୩।୩(ନି.ପ୍ର.)**

ହାରଭେଷ୍ଟର(ଧାନ କଟା ଓ ଅମଳ ଯନ୍ତ୍ର) ଯୋଗାଣ ନାମରେ ଠକେଇ ହୋଇଥିବା ସୁବର୍ଣ୍ଣପୁର ଜିଲା ସୁବଳୟା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାରେ ସମ୍ବଲପୁର ଜିଲା ଚାରମାଳ ଥାନା ଟୁଟାମୁଣ୍ଡା ଗ୍ରାମର ବ୍ୟବସାୟୀ ବାବୁଲାଲ ଛନ୍ଦ(୩୭)ଙ୍କୁ ଗୁରୁବାର ଗିରଫ କରିଛି। ବାବୁଲାଲ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାର ଲୋକଙ୍କୁ ହାରଭେଷ୍ଟର ଯୋଗାଣ ନାମରେ ଠକିଥିବା ଏସ୍‌ପି ଅମରେଶ କୁମାର ପଣ୍ଡା ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୋଲିସ ୨ଟି ହାରଭେଷ୍ଟର ଉଦ୍ଧାର କରିଛି, ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି। ସୂଚନା ଅନୁଯାୟୀ ଅଭିଯୁକ୍ତ ବାବୁଲାଲ ସମ୍ବଲପୁର ଜିଲା ସିନ୍ଦୁରପଙ୍କରେ ଏକ ଅଫିସ ଖୋଲି ବିଭିନ୍ନ କମ୍ପାନୀର ହାରଭେଷ୍ଟର ବ୍ୟବସାୟ କରୁଥିଲେ। ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଡୁଙ୍ଗୁରି ଗ୍ରାମର ରଞ୍ଜିପ କୁମାର ଦାଶ ଏକ



ସୁବର୍ଣ୍ଣପୁର ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ହାରଭେଷ୍ଟର କିଣିବା ପାଇଁ ବାବୁଲାଲଙ୍କୁ ୨୨ଲକ୍ଷ ୫୦ହଜାର ଟଙ୍କା ଦେଇଥିଲେ। ବ୍ୟାଙ୍କରୁ ଋଣ କରି ୧୯ ଲକ୍ଷ ଟଙ୍କା ଓ ନଗଦ ୩ ଲକ୍ଷ ୫୦ ହଜାର ଟଙ୍କା ରଞ୍ଜିପ୍ ଗତ ଜୁନ୍ ମାସରେ ବାବୁଲାଲଙ୍କୁ ଦେଇଥିବା ଜଣାପଡିଛି। ତେବେ ବାବୁଲାଲ ଡୁଙ୍ଗୁରି ଗ୍ରାମର ରଞ୍ଜିପ୍‌ଙ୍କୁ ଆଗ୍ରଓନା କମ୍ପାନୀର ଏକ ଚାଇନା କମ୍ପାନୀର ହାରଭେଷ୍ଟର ଦେଇଥିଲେ। ଏହି ହାରଭେଷ୍ଟରର ତ୍ରୁଟି ଦେଖା ଦେଇଥିଲା। ତେଣୁ ଅନ୍ୟ ଏକ ନୂଆ ହାରଭେଷ୍ଟର ଦେବାର ପ୍ରତିଶ୍ରୁତି ଦେଇ ବାବୁଲାଲ ମେଶିନକୁ ସେହି ଦିନ ଫେରାଇ ନେଇଥିଲେ। ପରବର୍ତ୍ତୀ ସମୟରେ ବାବୁଲାଲ ରଞ୍ଜିପ୍‌ଙ୍କୁ ଆଉ ହାରଭେଷ୍ଟର ଦେଇ ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ଅନ୍ୟପକ୍ଷେ ଉକ୍ତ ହାରଭେଷ୍ଟରକୁ ଅଭିଯୁକ୍ତ ବାଲେଶ୍ୱର ଜିଲା ସୋର ଅଞ୍ଚଳରେ ଭଡାରେ ଲଗାଇଥିଲେ। ରଞ୍ଜିପ୍ ଏ ସମ୍ପର୍କରେ ସୁବଳୟା ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା(୩୮/୧୯)ରୁଜୁ ହୋଇଥିଲା। ପୋଲିସ ଏହି ଘଟଣାରେ ତଦନ୍ତ କରି ସୋର ଥାନା ବେହେରନପୁରରୁ ଉକ୍ତ

### ବ୍ୟବସାୟୀ ଗିରଫ, ୨ ହାରଭେଷ୍ଟର ଉଦ୍ଧାର

ହାରଭେଷ୍ଟରକୁ ଉଦ୍ଧାର କରି ସୁବଳୟା ଆଣିଛି। ତଦନ୍ତ ସମୟରେ ବାବୁଲାଲଙ୍କ ଅନ୍ୟ ଠକେଇ ସମ୍ପର୍କରେ ଜଣାପଡିଛି। ଲବ ବାଘାର ନାମକ ଯୁବକ ଗୁରୁବାର ସୋନପୁର ଥାନାରେ ଅଭିଯୋଗ କରିଥିଲେ ଯେ ତାଙ୍କର ଏକ ଓସୋକା ହାରଭେଷ୍ଟରକୁ ବାବୁଲାଲ ନେଇଯାଇ କୁଆଡେ ବନ୍ଧା ପକାଇ ଦେଇଛନ୍ତି। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା(୭୨/୨୩)ରୁଜୁ ହୋଇଛି। ତଦନ୍ତ ପରେ ଉକ୍ତ ହାରଭେଷ୍ଟରକୁ ବୀରମହାରାଜପୁର ଥାନା କଳମପୁର ଅଞ୍ଚଳରୁ ସୋନପୁର ପୋଲିସ ଗୁରୁବାର ଉଦ୍ଧାର କରାଯାଇଛି। ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ବୀରମହାରାଜପୁର ଏସଡିପିଓ ତୋଲାମଣି ଭୋଇ, ସୁବଳୟା ଆଇଆଇସି ଅଞ୍ଜଳି କୁମ୍ଭାର ଓ ସୋନପୁର ଆଇଆଇସି କୃଷ୍ଣଚନ୍ଦ୍ର ମେହେର ଉପସ୍ଥିତ ଥିଲେ।

# ବିଦ୍ୟାଳୟ ପରିସରରେ ମଦ ବିକ୍ରି ଅଭିଯୋଗ

### ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ



ଜିଲାପାଳଙ୍କ ପାଖରେ ଫେରାଦ ହେଉଛନ୍ତି ଗ୍ରାମବାସୀ।

**ବୌଦ୍ଧ, ୨୩।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ କୁରାମୁଣ୍ଡା ଗ୍ରାମରେ ଥିବା ବିଦ୍ୟାଳୟ ପରିସରରେ ବେଆଇନ ଭାବରେ ମଦ ବିକ୍ରି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗୁରୁବାର ଗ୍ରାମବାସୀ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ୨ଜଣ ବ୍ୟକ୍ତି ଦୀର୍ଘ ଦିନରୁ ବିଦ୍ୟାଳୟ ଓ ମନ୍ଦିର ନିକଟରେ ମଦ ବିକ୍ରି କରିଆସୁଛନ୍ତି। ଏହା ଦ୍ୱାରା ବିଭିନ୍ନ ଅପ୍ରିତିକର ପରିସ୍ଥିତି ଉପୁଜିବା ସହ ପିଲାମାନେ ବିଦ୍ୟାଳୟକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଏନେଇ ଗ୍ରାମବାସୀ ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ୩୫୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଓ ତାଙ୍କ ସହଧର୍ମିଣୀ ଓ ଅନ୍ୟମାନେ।

**ବୌଦ୍ଧ, ୨୩।୩(ସ୍ୱ.ପ୍ର.)**

### ହାବିଲଦାର କନଷ୍ଟେବଲ ସଂଘ ପକ୍ଷରୁ ଆୟୋଜିତ

ବୌଦ୍ଧ ଜିଲା ହାବିଲଦାର କନଷ୍ଟେବଲ ସଂଘ ପକ୍ଷରୁ ଇରିଗେସନ କଲୋନି ପରିସରରେ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ପ୍ରତିଯୋଗିତା ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ଓ ତାଙ୍କ ସହଧର୍ମୀଣୀ, ଆଇଆରବି କମାଣ୍ଡାଣ୍ଟ ଦୁର୍ବାସା ନାଏକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ର କୁମାର ରାଉତ, ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ, ଡ. କିଶୋର ଚନ୍ଦ୍ର ପଟ୍ଟନାୟକ, ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ୨୩ ଗୋଟି ଦଳ ଅଂଶଗ୍ରହଣ କରିଛନ୍ତି। ସୁବ୍ରତ ପୁରୋହିତ, ବିବେକାନନ୍ଦ କର୍ଣ୍ଣ ଖେଳକୁ ପରିଚାଳନା କରିଥିଲେ। ଜିଲା ହାବିଲଦାର କନଷ୍ଟେବଲ ସଂଘର ସଭାପତି ବୁଲୁ ମିଶ୍ର, ସମ୍ପାଦକ ହୃଷିକେଶ ମେହେର, ତୁଷାରକାନ୍ତି ବେହେରା, ବିମଳ ମୁଖି, ଅଜିତ ଗାଇଗୌରିଆ, ଶେଷଦେବ ରଣା ପ୍ରମୁଖଙ୍କ ନେତୃତ୍ୱରେ ଏହି ଖେଳ ଆୟୋଜିତ ହୋଇଛି। ଶୁକ୍ରବାର ଏହି ଟୁର୍ନାମେଣ୍ଟ ଉଦଯାପିତ ହେବ।

### ଚାଷୀ ସଚେତନତା କାର୍ଯ୍ୟକ୍ରମ

**ତରଭା, ୨୩।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ବଡ ଭାଇଁରୋ ପ୍ରାଥମିକ ସେବା ସମବାୟ ସମିତି ଗୋଦାମ ଗୃହରେ ଗୁରୁବାର ପାକ୍ସ ସଭାପତି ଲୋକେଶ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଏକ ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସ୍ମାରକ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ବ୍ୟାଙ୍କ ଡାଇରେକ୍ଟର ପଦ୍ମାବତୀ ପାତ୍ର, ତରଭା ବ୍ୟାଙ୍କ ଶାଖା ପରିଚାଳକ ଅଶ୍ୱିନୀ କୁମାର ନାଏକ, ମାନଭଞ୍ଜନ ମିଶ୍ର, ସରପଞ୍ଚ ସତ୍ୟଭାମା ଦଳବେହେରା, ସୌଦାମିନୀ ସା, ସୁରୁବାବୁ ଦେହେରି, ସୁପରଭାଇଜର ଚତୁର୍ଭୁଜ ଷଣ୍ଢ ପ୍ରମୁଖ ଯୋଗ ଦେଇଥିଲେ। ବିନା ସୁଧରେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଚାଷୀଙ୍କୁ ଋଣ, ମହିଳାମାନଙ୍କୁ ଗୋଷ୍ଠୀ ମାଧ୍ୟମରେ ଋଣ ପ୍ରଦାନ, ନୂତନ ସଭ୍ୟଙ୍କୁ ତୁରନ୍ତ ଋଣ ଦେବା ପାଇଁ ବ୍ୟାଙ୍କ ତରଫରୁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟ ଅତିଥି ବିଡିସିସି ବ୍ୟାଙ୍କ ସଭାପତି ମିଶ୍ର ପ୍ରକାଶ କରିଥିଲେ। ସଭାରେ ଶତାଧିକ ଚାଷୀ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ପାକ୍ସ ସମ୍ପାଦକ ଛନ୍ଦାଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସମବାୟ ସମିତିରେ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା




ବହଳପଦର ସେବା ସମବାୟ ସମିତିରେ ଅନୁଷ୍ଠିତ ଋଣ କର୍ମଶାଳାରେ ମଞ୍ଚାସୀନ ଅତିଥି।

**ଅମରପାଲି, ୨୩।୩(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ସେବା ସମବାୟ ସମିତି ଓ ଉଫୁଲା ସେବା ସମବାୟ ସମିତିରେ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବହଳପଦର ସେବା ସମବାୟ ସମିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉକ୍ତ ସମିତି ସମ୍ପାଦକ ପ୍ରଫୁଲ୍ଲ ଦନ୍ତା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବଲାଙ୍ଗୀର ବିଡିସିସି ଡାଇରେକ୍ଟର ଯୁଗିନ୍ଦ୍ର ମିର୍ଦ୍ଧା, ବନମାଳୀ ମେହେର, ସ୍ଥାନୀୟ ସେବା ସମବାୟ ସମିତି ସଭାପତି ପ୍ରମୋଦ କୁମାର ଦନ୍ତା, ସ୍ଥାନୀୟ ସରପଞ୍ଚ ନିରୂପମା ସେଠୀ, ସମିତିସଭ୍ୟା ସୁଗନ୍ଧା ଘିଁବିଲା, ହାରାଧନ ବେହେରା, ରଙ୍ଗାଧର ଜଗଦଲା ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ସମବାୟ ବ୍ୟାଙ୍କ ତଥା ପ୍ରାଥମିକ ସ୍ତରରେ କାର୍ଯ୍ୟକରୁଥିବା କୃଷି ସମବାୟ ସମିତି ବ୍ୟାଙ୍କିଙ୍ଗ ସେବା ସମ୍ପର୍କିତ ଓଡିଶା ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ସମିତିରୁ ଋଣ ନେଇ ଠିକ୍ ସମୟରେ ଋଣ ପରିଶୋଧ କରିଥିବା ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଠିକ୍ ସମୟରେ ଋଣ ପରିଶୋଧ କରିଥିବା ଚାଷୀ ସମ୍ବର୍ଦ୍ଧିତ

ସେହିପରି ଉଫୁଲା ସେବା ସମବାୟ ସମିତିରେ ସଭାପତି ବିରକିଶୋର ଅମାତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ବଲାଙ୍ଗୀର ବିଡିସିସି ଡାଇରେକ୍ଟର ବନମାଳୀ ମେହେର, ଯୁଗିନ୍ଦ୍ର ମିର୍ଦ୍ଧା, ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ସ୍ଥାନୀୟ ସରପଞ୍ଚ ତଥା ସ୍ଥାନୀୟ ସେବା ସମବାୟ ସମିତିର ଉପସଭାନେତ୍ରୀ ଶ୍ରୀୟା କର୍ମୀ, ଏଆରସିଏସ ଗଜେନ୍ଦ୍ର ପଣ୍ଡା, ରଞ୍ଜନ କୁମାର ମିଶ୍ର, ଜଟେସିଙ୍ଗା ସମବାୟ ସମିତି ସଭାପତି ଜତିନ ପାନିଗ୍ରାହୀ ଅତିଥିଭାବେ ଯୋଗଦେଇଥିଲେ। ସଠିକ ଭାବେଋଣ ପରିଶୋଧ କରିଥିବା ସମବାୟ ସମିତିର ଋଣି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ମୀନକେତନ ମହାକୁର ସଭାପରିଚାଳନା କରିଥିଲେ।

# ପାରାୟଣ ପାଇଁ କଳସ ଶୋଭାଯାତ୍ରା



ପାରାୟଣ ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

**ଅମରପାଲି, ୨୩।୩(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଚମ୍ପାମାଲ ପଞ୍ଚାୟତ ଅନ୍ତର୍ଗତ ଚମ୍ପାପୁର ଗଡଭିତରରେ ହେବାକୁ ଥିବା ନବାହ ପାରାୟଣ ଓ ପ୍ରବଚନ ପାଇଁ କଳସ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭୋଳା ମେହେର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଗାୟିକା ଇସପିତ ମିଶ୍ର ପୁରାଣ ପାଠ ଏବଂ ପ୍ରବଚିକା ଅନୁପମା ବିଶାଳ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ସୀତା ବିବାହ ଓ ରାମ ଅଭିଷେକ ମୁଖ୍ୟ ଆକର୍ଷଣ ହେବ। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।

### ଶହୀଦ ଦିବସରେ ରକ୍ତଦାନ ଶିବିର

**ସୋହେଲା, ୨୩।୩(ଡି.ଏନ.ଏ.)**

ଶହୀଦ ଦିବସ ଅବସରରେ ଗୁରୁବାର ସୋହେଲା ଜୟଦୁର୍ଗା ଆସୋସିଏଶନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୫ ମହିଳା ସମେତ ୬୩ ଜଣ ରକ୍ତଦାନ କରିଥିଲେ। ଡାକ୍ତର ଶଙ୍କର ରାମଚନ୍ଦାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ସୈନିକ ଅମରେଶ ବାରିକ ଏବଂ ବିପ୍ଳବୀ କବି ନିତୀଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ସୋହେଲା ବ୍ଲକ ଅଧ୍ୟକ୍ଷା ବବି ପଧାନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପଧାନ ରକ୍ତଦାତାଙ୍କୁଉତ୍ସାହିତ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀ ସହଯୋଗ କରିଥିଲେ। ଜୟଦୁର୍ଗା ଆସୋସିଏଶନ ସଭାପତି ସଞ୍ଜୟ କାଣ୍ଡ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରୁଦ୍ର ପ୍ରତାପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### କାର୍ ଧକ୍କାରେ ୩ ଛାତ୍ରଙ୍କ ମୃତ୍ୟୁ ଘଟଣା

# ଶରଧାପାଲିରେ ଶୋକର ଛାୟା

**ସୋନପୁର, ୨୩।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର-ବିନିକା ରାସ୍ତାର ଶରଧାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଫାଟକ ପାର୍ଶ୍ୱରେ ବୁଧବାର ପୂର୍ବାହ୍ନରେ ଛିଡା ହୋଇଥିବା ଛାତ୍ରମାନଙ୍କ ଉପରକୁ ଏକ ଦ୍ରୁତଗାମୀ କାର ମାଡି ଯାଇଥିଲା। ଫଳରେ ଷଷ୍ଠ ଶ୍ରେଣୀର ଛାତ୍ର ସୁବ୍ରତ ଭୋଇ(୧୨), ରାଜେଶ ପେରା(୧୨) ଓ ପଞ୍ଚମ ଶ୍ରେଣୀର ଛାତ୍ର ରାଜା ପେରା(୧୧)ଙ୍କ ମୃତ୍ୟୁ ହୋଇଥିଲା। ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ର କପିଳ ଭୋଇ(୧୪)ଙ୍କ ଗୋଡ ଭାଙ୍ଗି ଥିବାରୁ ସେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତିନିଛାତ୍ରଙ୍କ ମୃତ୍ୟୁରେ ଶରଧାପାଲି ଗ୍ରାମ ଓ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି।

**ଗାଁ ଶ୍ମଶାନରେ ଜୁଇ ଜଳିଲା**

ଶବ ବ୍ୟବଚ୍ଛେଦ ପରେ ପୋଲିସ ଛାତ୍ରଙ୍କ ମୃତ ଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ବୁଧବାର ରାତିରେ ମହାନଦୀ କୂଳ ଶ୍ମଶାନରେ ତିନି ଛାତ୍ରଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଗ୍ରାମବାସୀଙ୍କ ଉପସ୍ଥିତିରେ ଶ୍ମଶାନରେ ତିନି ନିଷ୍ପାପ ଶିଶୁଙ୍କ ଜୁଇ ଜଳିବା ଶୋକାକୂଳ ପରିବେଶ ସୃଷ୍ଟି କରିଥିଲା।

**ବିଦ୍ୟାଳୟକୁ ରାସ୍ତାପାର୍ଶ୍ୱରୁ ଅନ୍ୟତ୍ର ସ୍ଥାନାନ୍ତର ଦାବି**

ଶରଧାପାଲିଉଚ୍ଚପ୍ରାଥମିକବିଦ୍ୟାଳୟଟି ସୋନପୁର-ବିନିକା-ଡୁଙ୍ଗୁରିପାଲି ମେଜର ଡିଷ୍ଟ୍ରିକ୍ଟ ରୋଡ(ଏମ୍‌ଡିଆର)ର ପାର୍ଶ୍ୱରେ ଅବସ୍ଥିତ। ଏପରିକି ତିନି ଛକି ବୁଲାଣି ରାସ୍ତାରେ ବିଦ୍ୟାଳୟ ରହିଛି। ସବୁବେଳେ ରାସ୍ତାରେ ଯାନବାହାନ ଚଳାଚଳ କରୁଥିବାରୁ ବିପଦ ପୂର୍ଣ୍ଣ ଭାବେ ଛାତ୍ରୀଛାତ୍ର ଯାତାୟତ କରୁଛନ୍ତି। ଏପରିକି ବିଦ୍ୟାଳୟର ଫାଟକ ଅର୍ଜୁନପୁର ପଟୁ ଆସିଥିବା ରାସ୍ତାର ଠିକ୍ ସମ୍ମୁଖରେ ରହିଛି। ବୁଧବାର ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ ହେବା ନେଇ ତ୍ରୁଟିପୂର୍ଣ୍ଣ ସ୍ଥାନରେ ବିଦ୍ୟାଳୟର ଫାଟକ ନିର୍ମାଣକୁ କେତେକାଂଶରେ ଦାୟି କରାଯାଇଛି। ତେଣୁ ବିଦ୍ୟାଳୟକୁ ଗ୍ରାମର ଅନ୍ୟ ଖାଲି ସ୍ଥାନକୁ ସ୍ଥାନାନ୍ତର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

**ଶୋକସଭାରେ ପରେ ପରୀକ୍ଷା ଦେଲେ ବିଦ୍ୟାଳୟ ଛାତ୍ରୀଛାତ୍ର**

ପରୀକ୍ଷା ସରିବା ପରେ ବୁଧବାର ଛାତ୍ରୀଛାତ୍ର ମାନେ ହସଖୁସିରେ ଘରକୁ ଯିବାକୁ ବାହାରିଥିଲେ। କିନ୍ତୁ ନିୟତି ଲେଖିଥିଲା ଭିନ୍ନ କିଛି। ଅର୍ଜୁନପୁର ପଟୁ ଆସୁଥିବା କାର ଧକ୍କାରେ ଶରଧାପାଲି ବିଦ୍ୟାଳୟର ୩ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ବିଦ୍ୟାଳୟରେ ଶୋକାକୂଳ ପରିବେଶ ଲାଗିରହିଛି। ତେବେ ଗୁରୁବାର ବିଦ୍ୟାଳୟରେ ପରୀକ୍ଷା ଥିଲା। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିଥିଲେ। ପ୍ରଥମେ ମୃତ ଛାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ପ୍ରାର୍ଥନା କରା ଯାଇଥିଲା। ପରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଶୋକସଭା ପରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

**ଡ୍ରାଇଭରଙ୍କୁ କୋର୍ଟଚାଲାଣ କଲା ପୋଲିସ**

ଦୁର୍ଘଟଣା ଘଟାଇ କାର ଡ୍ରାଇଭର ତଥା ତରଭା ଥାନା ଶିବତୁଲା ଅଞ୍ଚଳର ସମୀର ନାୟକ(୨୧) ଫେରାର ହେବାକୁ ଉଦ୍ୟମ କରିଥିଲେ। ଗ୍ରାମବାସୀ ତାଙ୍କୁ ଧରି ବେଶ ଉତ୍ତମ ମଧ୍ୟମ ଦେଇଥିଲେ। ପରେ ଗ୍ରାମବାସୀ ଡ୍ରାଇଭରଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ସମୀରଙ୍କୁ ବୁଧବାର ଗିରଫ କରିଥିଲେ। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଲୋକ ମହୋତ୍ସବ ମାଲେଶ୍ରୀର ଶୁଭସ୍ତମ୍ଭ ସ୍ଥାପନ

**ଅମରପାଲି, ୨୩।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ଗୁରୁବାର ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ସ୍ଥାନୀୟ ଉପଜିଲାପାଳ ଅଫିସରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ପହଞ୍ଚିବା ପରେ ସେଠାରେ ଭୂମି ପୂଜନ ଓ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ତଥା ଉପଜିଲାପାଳ ଅଶୋକ କୁମାର ଭୋଇ କର୍ତ୍ତା ଭାବେ ପୂଜାକାର୍ଯ୍ୟ ସମାପନ କରିଥିଲେ। ଆସନ୍ତା ଏପ୍ରିଲ ୫ରୁ ୭ ତାରିଖ ଯାଏ ଲୋକ ମହୋତ୍ସବ ମାଲେଶ୍ରୀ ଚାଲିବ। ଶୁଭସ୍ତମ୍ଭ ସ୍ଥାପନ ସମୟରେ ରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଉପଖଣ୍ଡ ପୋଲିସ ଅଧିକାରୀ ତୋଳାମଣି ଭୋଇ, ମହୋତ୍ସବ କମିଟି ସଂଯୋଜକ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଗୋପୀନାଥ ମହାକୁର, ରାମକୃଷ୍ଣ ହୋତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, କିଶୋର ହୋତା, ଶିକ୍ଷାବିତ ଡା.ପ୍ରଫୁଲ୍ଲ କୁମାର ରଥ, ଯୁଗଳ କିଶୋର ମିଶ୍ର, ଭୂଷଣ କୁମାର ପାତ୍ର,ଲକ୍ଷ୍ମୀ ନାରାୟଣ ସାହୁ, ବୀରମହାରାଜପୁର ବି. ଡ଼ି. ଓ ମୋତିଲାଲ ସୁଲିଆ, ରାଜସ୍ୱ ଅଧିକାରୀ ଅଜିତ କୁମାର ମିର୍ଦ୍ଧା, ତହସିଲଦାର ବିବୁଧ ଗଡନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ନଳିନୀ ପଣ୍ଡା, ଥାନା ଅଧିକାରୀ ପଦ୍ମାସିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ରବିଚନ୍ଦ୍ର ପୁରୋହିତ ପୂଜାର୍ଚ୍ଚନା କରିଥିଲେ।



ଲୋକମହୋତ୍ସବ ମାଲେଶ୍ରୀ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

## ସଂକ୍ଷେପରେ

### ବାଇକ୍ ଧକ୍କାରେ ଜଣେ ମୃତ

ରାଉରକେଲା ଅଫିସ,୨୩।୩
ରାଉରକେଲା ରିଂରୋଡ ସ' ମିଲ ଛକରେ ବୁଧବାର ରାତି ସାଢେ ୧୦ଟାରେ ବାଇକ୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରେହମତନଗର ଅଞ୍ଚଳର ଫରିଦ ସାହା(୩୮)। ଏ ନେଇ ପୋଲିସ ଏକ ମାମଲା (ନଂ.୧୧୪।୨୨) ରୁଜୁ କରି ତଦନ୍ତ ଚଳାଇଛି। ଫରିଦ ସ' ମିଲ ଛକ ଅତିକ୍ରମ କରୁଥିବାବେଳେ ଜଣେ ବାଇକ ଚାଳକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଡିଭାଇଡରରେ ପିଟି ହୋଇଥିଲେ। ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଆର୍‌ଏସ୍‌ପିରୁ ଚୋରି, ୨ ଗିରଫ

**ରାଉରକେଲା ଅଫିସ,୨୩।୩:** ଆର୍‌ଏସ୍‌ପିରୁ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସେକ୍ଟର-୩ ଅଞ୍ଚଳର ଭକ୍ତବତ୍ସଳ ବିଶୋଇ(୩୦) ଓ ସେକ୍ଟର-୭ ଅଞ୍ଚଳର ସୁକାନ୍ତ କୁମାର ବଚ୍ଛଳ(୪୦)। ଉଭୟଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଏ ନେଇ ଏକ ମାମଲା (ନଂ.୫୧।୨୩) ରୁଜୁ କରିଛି। ସୂଚନା ଅନୁସାରେ, ଭକ୍ତବତ୍ସଳ ଓ ସୁକାନ୍ତ ଆର୍‌ଏସ୍‌ପିରେ ଠିକା ଶ୍ରମିକ ଭାବେ କାମ କରନ୍ତି। ଗୁରୁବାର ସାଢ଼େ ୧୨ଟାରେ ଉକ୍ତ ଦୁଇ ଜଣ କାରଖାନାରେ ଡ୍ୟୁଟି ସାରି ଏକ ବ୍ୟାଗରେ ୩୫ କେଜି ସ୍କ୍ରାପ୍ କପର ତାର ଚୋରି କରି ନେଉଥିବା ବେଳେ ସିଆଇଏସ୍‌ଏଫ୍ ଯବାନଙ୍କ ହାବୁଡରେ ପଡିଥିଲେ।

### ସଡକ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ହେମଗିର,୨୩।୩(ଡି.ଏନ.ଏ ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଡିପାପଡାଠାରେ ଟ୍ରଲରକୁ ଧକ୍କା ଦେବା ଫଳରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ ଡିବିଏଲ କମ୍ପାନୀରେ ଫିଟର ଭାବରେ କାମ କରୁଥିବା ଡୁଙ୍ଗୁରୁମୁଡା ଗ୍ରାମର ବିହାରିଲାଲ ପଧାନ (୩୮) ବାଇକ୍ ସିଜି ୧୩ ଡବ୍ଲ୍ୟୁ ୮୯୫୮ରେ କାମସାରି ଘରକୁ ଫେରୁଥିବା ସମୟରେ ଡିପାପଡା ଠାରେ ଛିଡା ହୋଇଥିବା ଏକ ଟ୍ରଲର ସିଜି ୧୬ ସି ୩୦୪୫କୁ ଧକ୍କା ଦେଇଥିଲେ। ଫଳରେ ବାଇକ୍ ଆରୋହୀ ବିହାରିଲାଲ ଗୁରୁତର ଭାବେ ଆହତ ହୋଇଥିଲେ । ଆହତ ଅବସ୍ଥାରେ ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏବାବଦରେ ଖବରପାଇ ଘଟଣାସ୍ଥଳରେ ହେମଗିର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଗଞ୍ଜେଇ ଜବତ, ୨ ଗିରଫ

**ରାଉରକେଲା ଅଫିସ,୨୩।୩:** ରାଉରକେଲା ଅବକାରୀ ବିଭାଗ ଓ ଆର୍‌ପିଏଫ୍ ପକ୍ଷରୁ ଗୁରୁବାର ରାଉରକେଲା ରେଲୱେ ଷ୍ଟେଶନରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସୋନପୁର ଅଞ୍ଚଳର କାହ୍ନା ତାଣ୍ଡି ଓ ବରଗଡ ଅଞ୍ଚଳର ଇନ୍ଦ୍ର ନନ୍ଦ। ଉଭୟଙ୍କଠାରୁ ୧୭ କେଜି.୧୯୫ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଗୁରୁବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ

**ସୁନ୍ଦରଗଡ଼,୨୩।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଶିଶୁବିଦ୍ୟା ମନ୍ଦିର ପରିସରରେ ଚୈତ୍ର ଶୁକ୍ଳ ପ୍ରତିପଦା ବୁଧବାର ରାଷ୍ଟ୍ରୀୟ ନବବର୍ଷ ଧୁମଧାମ ସହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସହରର ୧୦୦ରୁ ଊର୍ଦ୍ଧ୍ୱ ପରିବାର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କମାଣ୍ଡେଣ୍ଟ ମନୋଜ ପୁରୋହିତ ଯୋଗଦାନ କରିଥିଲେ। ମୁଖ୍ୟବକ୍ତା ରତ୍ନାକର ବେହେରା ରାଷ୍ଟ୍ରୀୟ ନବବର୍ଷ ବିଷୟରେ ଉଦବୋଧନ ଦେଇ ବାସ୍ତବରେ ଚୈତ୍ର ଶୁକ୍ଳ ପ୍ରତିପଦା ହିଁ ଭାରତୀୟ ସଂସ୍କୃତି ହିସାବରେ ନବ ବର୍ଷ ଅଟେ ବୋଲି କହିଥିଲେ। ଡାକ୍ତର ନାରାୟଣ ଚନ୍ଦ୍ର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶିଶୁ ବିଦ୍ୟାମନ୍ଦିର ତଥା ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ପ୍ରଦର୍ଶିତ ହୋଇଥିଲା।

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**ରାଉରକେଲା ଅଫିସ,୨୩।୩:** ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାନ ନୂଆଗାଁ ଅଞ୍ଚଳର ଚମ୍ପା କୁଜୁର(୫୧)। ରାଉରକେଲା ଜିଆର୍‌ପି ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୦।୨୩) ରୁଜୁ ହୋଇଛି। ଚମ୍ପା ଗୁରୁବାର ରାତି ୯ଟାରେ ସାନ ନୂଆଗାଁରୁ ହାଟ ସାରି ଘରକୁ ଫେରୁଥିଲେ। ସେ ରେଳ ଲାଇନ ପାରି ହେଉଥିବା ବେଳେ ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା।

# କ୍ୟାରିୟର ଗଠନରେ ସହାୟକ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ

## ସୁନ୍ଦରଗଡ଼ର ଆଦିବାସୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତର କ୍ୟାରିୟର ଗଠନରେ ସହାୟକ

ସୁନ୍ଦରଗଡ଼,୨୩।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାରେ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ସ୍କୁଲ ଭିତ୍ତିଭୂମିର ସୌନ୍ଦର୍ଯ୍ୟକରଣ କରାଯାଇଛି। ଏହା ମାଧ୍ୟମରେ ସ୍ମାର୍ଟ କ୍ଲାସ ରୁମ, ଆଧୁନିକ ବିଜ୍ଞାନଗାର, ଆଇସିଟି ଲ୍ୟାବ, ଲାଇବ୍ରେରି, ଖେଳପଡ଼ିଆ ଆଦିର ବିକାଶ କରାଯିବା ସହ ସ୍ୱଚ୍ଛ ଶୌଚାଳୟ ଓ ପାନୀୟ ଜଳର ସୁବିଧା କରାଯାଇଛି। ସୁନ୍ଦରଗଡ ଜିଲାର ଆଦିବାସୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ କ୍ୟାରିୟର ଗଠନ ଦିଗରେ ବିଶେଷ ହେଉଛି ଏହି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ।

ସୁନ୍ଦରଗଡ଼ ମେଘଡେଗା ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ପ୍ରତିଭା ସଉରା କହନ୍ତି, 'ଆଗରୁ ଆମେ ପୁରୁଣା ଡେସ୍କ ବେଞ୍ଚରେ ବସୁଥିଲୁ। ଶିକ୍ଷକମାନେ କଳାପଟାରେ ପାଠ ବୁଝାଉଥିଲେ। କିନ୍ତୁ ଏବେ ଆମେ ସ୍ମାର୍ଟ କ୍ଲାସରୁମରେ ବସିବା ସହ ସ୍ମାର୍ଟ ବୋର୍ଡ ମାଧ୍ୟମରେ ପାଠ ପଢୁଛୁ। ଫଳରେ ପାଠ ବୁଝିବା ସହଜ ହେଉଛି। ସେହିପରି ଦେଓକରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ର ଦେବରାଜ ମହାନନ୍ଦିଆ କହନ୍ତି, 'ହାଇସ୍କୁଲ ରୂପାନ୍ତରଣ ଯୋଗୁ ସ୍କୁଲରେ ଆଧୁନିକ ବିଜ୍ଞାନାଗାର କରାଯାଇଛି। ଯେଉଁ ବୈଜ୍ଞାନିକ ଉପକରଣଗୁଡ଼ିକୁ ଆମେ କେବଳ ବହିରେ ଦେଖୁଥିଲୁ ତାହା ଆମେ ନିଜେ ବ୍ୟବହାର କରି ଅନେକ କଥା ଜାଣିପାରୁଛୁ। ଫଳରେ ପାଠ ପଢ଼ିବାକୁ ଅଧିକ ଆଗ୍ରହ ଲାଗୁଛି।

ମେଘଡେଗାର ପ୍ରତିଭା ଏବଂ ଦେଓକରଣପୁରର ଦେବରାଜଙ୍କ ଭଳି ସୁନ୍ଦରଗଡ଼ ଜିଲାର ବିଭିନ୍ନ ସରକାରୀ ହାଇସ୍କୁଲରେ ପାଠ ପଢୁଥିବା ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତର କ୍ୟାରିୟର ଗଠନ ଦିଗରେ ବିଶେଷ ସହାୟକ ହେଉଛି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ। ରାଜ୍ୟ ସରକାରଙ୍କ ୫-ଟି ଅଭିଯାନ ଅଧୀନରେ ରୂପାନ୍ତରିତ ହାଇସ୍କୁଲଗୁଡ଼ିକରେ ହୋଇଥିବା ଆଧୁନିକ ବ୍ୟବସ୍ଥା ଫଳରେ ପିଲାମାନେ ଭବିଷ୍ୟତରେ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ଶିକ୍ଷକ ଏବଂ ଆଇଏଏସ୍ ଆଦି ହେବାକୁ ଲକ୍ଷ୍ୟ ରଖିଛନ୍ତି। ସୁନ୍ଦରଗଡ଼ ଜିଲାରେ ରହିଛି ମୋଟ ୩୮୩ଟି ସରକାରୀ ହାଇସ୍କୁଲ। ସେଥିମଧ୍ୟରୁ ଅନୁସୂଚିତ ଜନଜାତି ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଏବଂ ସୁନ୍ଦରଗଡ଼ ଆଇଟିଡିଏ ଆନୁକୂଲ୍ୟରେ ପରିଚାଳିତ ୨୧ଟି ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଭିତରେ ଏହି ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଏକ ନୂଆ ଉତ୍ସାହ ସୃଷ୍ଟି କରିଛି। ପିଲାମାନଙ୍କ ବ୍ୟବହାର ପାଇଁ ଦୂରବୀକ୍ଷଣ ଓ ଅଣୁବୀକ୍ଷଣ ଯନ୍ତ୍ର, ମାନବର ଶରୀରର ମଡେଲ, ପ୍ଲାଣ୍ଟ ସେଲ ମଡେଲ, ଆନିମଲ ସେଲ ମଡେଲ, ମେଟାଲ ସେପାରେଟର ଆଦି ରହିଛି। ସେହିପରି ରୋବୋଟିକ୍ସ କିଟ, ବୈଦ୍ୟୁତିକ ପରୀକ୍ଷଣ ପାଇଁ ଇଲେକଟ୍ରୋନିକ କିଟ୍ ଭଳି ବିଭିନ୍ନ ଉପକରଣ ଯୋଗାଇ ଦିଆଯାଉଛି। 'ସୁନ୍ଦରଗଡ଼ ଜିଲାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ପରିଚାଳିତ ସମସ୍ତ ହାଇସ୍କୁଲକୁ ନୂଆ ରୂପ ଦିଆଯାଇଛି। ଏହା ଫଳରେ ଆଦିବାସୀ ବର୍ଗର ଛାତ୍ରୀଛାତ୍ର ପାଠପଢ଼ା ପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି। ଆଧୁନିକ ବିଜ୍ଞାନାଗାର, କମ୍ପ୍ୟୁଟର ଲ୍ୟାବ ଆଦି ପିଲାମାନଙ୍କ କ୍ୟାରିୟର ଗଠନ ଦିଗରେ ବିଶେଷ ସହାୟକ ହେଉଛି ବୋଲି ସୁନ୍ଦରଗଡ଼ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ କହିଛନ୍ତି। ରୂପାନ୍ତରିତ ହାଇସ୍କୁଲଗୁଡ଼ିକରେ ଆଇସିଟି ଲ୍ୟାବ କରାଯାଇଛି। ହାଇସ୍କୁଲସ୍ତରରୁ ପିଲାଙ୍କୁ କମ୍ପ୍ୟୁଟର ସମ୍ପର୍କିତ ଶିକ୍ଷାଦାନ କରାଯାଉଛି। ଏହି କମ୍ପ୍ୟୁଟର ଲ୍ୟାବରେ ଇଣ୍ଟରନେଟ ବ୍ୟବହାର କରି ପିଲାମାନେ ଇ-ଲାଇବ୍ରେରିର ସୁବିଧା ପାଉଛନ୍ତି। ହାଇସ୍କୁଲରେ ଖେଳପଡ଼ିଆର ଚିତ୍ର ମଧ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଛି। ପାଠପଢ଼ା ସହ କ୍ରୀଡ଼ା କ୍ଷେତ୍ରରେ ଛାତ୍ରୀଛାତ୍ର କିଭଳି ରାଜ୍ୟ ଓ ଜାତୀୟସ୍ତରରେ ସୁଯୋଗ ପାଇପାରିବେ ସେଥିପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଉଛି। ରାଜ୍ୟ ସରକାରଙ୍କର ଏକ ସୁଦୂରପ୍ରସାରୀ କାର୍ଯ୍ୟକ୍ରମ ହେଉଛି ହାଇସ୍କୁଲ ରୂପାନ୍ତରଣ। ଏହି କାର୍ଯ୍ୟକ୍ରମ ଶିକ୍ଷାଦାନର ଧାରାରେ ଆଖିଦୃଶିଆ ଉନ୍ନତି ଆଣିବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି ବୋଲି ଦେଓକରଣପୁର ହାଇସ୍କୁଲର ପ୍ରଧାନଶିକ୍ଷକ କର୍ଣ୍ଣ ମାଝି କହିଛନ୍ତି। ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ବର୍ତ୍ତମାନ ସୁଦ୍ଧା ଦୁଇଟି ପର୍ଯ୍ୟାୟରେ ୨୪୭ଟି ରୂପାନ୍ତରିତ ସରକାରୀ ହାଇସ୍କୁଲର ଲୋକାର୍ପଣ କରାଯାଇଛି। ତା' ଭିତରେ ସୁନ୍ଦରଗଡ଼ ଆଇଟିଡିଏର ୨୧ଟି ହାଇସ୍କୁଲ ରହିଛି।


ସୁନ୍ଦରଗଡ଼ରେ ଏକ ସ୍କୁଲର ସ୍ମାର୍ଟ କ୍ଲାସରୁମ୍‌ରେ ପିଲାମାନେ ପଢୁଛନ୍ତି।

# ନାଟକ 'ସାମନ୍ତ ଚନ୍ଦ୍ରଶେଖର' ମଞ୍ଚସ୍ଥ

## ଜାତୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା ଅଫିସ,୨୩।୩

ରାଉରକେଲା ସିଭିକ ସେଣ୍ଟରରେ ନାଟ୍ୟାନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୩ ଉଦ୍‌ଘାଟିତ ହୋଇଛି। ସଭାପତି ସୁବ୍ରତ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏନ୍‌ଏସ୍‌ପିସିଏଲ୍ ଜିଏମ୍ କୌଶଳ କିଶୋର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ଡଃ ସମର ମୁଦୁଲି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ଜାତୀୟ ନାଟକ ମହୋତ୍ସବ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପଠାଣି ସାମନ୍ତ ଚନ୍ଦ୍ରଶେଖରଙ୍କ ଜୀବନୀ ଆଧାରିତ ନାଟକ 'ସାମନ୍ତ ଚନ୍ଦ୍ରଶେଖର'କୁ 'ସମ୍ପର୍କ' ଅନୁଷ୍ଠାନର କଳାକାରମାନେ ମଞ୍ଚସ୍ଥ କରିଥିଲେ। ନାଟକକୁ ଭାସ୍କର ମହାପାତ୍ର ରଚନା ଓ ନିର୍ଦ୍ଦେଶନା ଦେଇଥିବା ବେଳେ ଭାସ୍କର ପୁହାଣ, ଅଜୟ ପାଣି, ବଂଶୀଧର ସାହୁ ଏବଂ ଲକ୍ଷ୍ମୀକାନ୍ତ ସଂଗୀତ ସଂଯୋଜନା କରିଛନ୍ତି। ପ୍ରଳୟ ଶତପଥିଙ୍କ ମଞ୍ଚସଜା ସହ ନାଟ୍ୟ କଳାକାର ବିଜୟ ପାତ୍ର, ନୃସିଂହ ମହାନ୍ତି, ସୁରେନ୍ଦ୍ର ପାଢିଙ୍କ ମନଛୁଆଁ ଅଭିନୟ ଦର୍ଶକଙ୍କୁ ଶେଷ ଦୃଶ୍ୟ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ନାଟକ ସଂଯୋଜନା କରିଥିଲେ ଶିଶୁ କଳାକାର ସିଦ୍ଧିଶ୍ରୀ ଓ ସାଇ ଶୁଭମ ମହାପାତ୍ର। ବରିଷ୍ଠ ସଦସ୍ୟ ସଞ୍ଜୀବ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶୁକ୍ରବାର 'ଥିଏଲାଇଟ' କଲିକତାର କାଳଜୟୀ ବଙ୍ଗଳା ନାଟକ 'ଚୂଆ ଚନ୍ଦନ' ମଞ୍ଚସ୍ଥ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଶହୀଦ ଦିବସ

ସୁନ୍ଦରଗଡ଼,୨୩।୩(ଡି.ଏନ.ଏ.)

ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ତସଲାଡିହି ଗ୍ରାମ ପଞ୍ଚାୟତଠାରେ ନେହେରୁ ଯୁବ କେନ୍ଦ୍ର ତରଫରୁ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାନେତ୍ରୀ ସୁଶ୍ରିତା କେରକେଟା,ସମ୍ପାଦିକା ନିରୂପମା ନାଏକ,ମିଶନଶକ୍ତି ର ସନ୍ଧ୍ୟାରାଣୀ ପଟେଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ମଳୟ ପୃଷେଠ ଅତିଥି ଭାବେ ଯୋଗ ଦେଇ ଯୁବଗୋଷ୍ଠୀ ନିଶାମୁକ୍ତ ହୋଇ ସୁସ୍ଥ ସମାଜ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ମହାନ କ୍ରାନ୍ତିକାରୀ ଭଗତ ସିଂହ, ଶିବରାମ ରାଜଗୁରୁ ଓ ସୁଖଦେବଙ୍କ ଦେଶ ପାଇଁ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଧାରଣା ଦେଇଥିଲେ। ଟାଙ୍ଗରପାଲି ବ୍ଲକ ନେହେରୁ ଯୁବ କେନ୍ଦ୍ରର ଜାତୀୟ ସ୍ୱେଚ୍ଛାସେବୀ ନିର୍ମଳ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରି ନେହେରୁ ଯୁବ କେନ୍ଦ୍ରର ଲକ୍ଷ୍ୟ ଓ ଶହୀଦ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

# ମହିଳା ଉଦ୍ୟୋଗୀଙ୍କ ପାଇଁ ଅତ୍ୟାଧୁନିକ ତାଲିମ, ପ୍ରସ୍ତୁତି କେନ୍ଦ୍ର ସ୍ଥାପନ



ଟ୍ରେନରମାନଙ୍କ ଗହଣରେ ଉପସ୍ଥିତ ତାଲିମାର୍ଥୀ ମହିଳାଗଣ।

ରାଉରକେଲା ଅଫିସ,୨୩।୩

ଆର୍‌ଏସ୍‌ପି ପକ୍ଷରୁ ଉଷା ସିଲେଇ ଏବଂ ଗ୍ରାମ ଉତ୍ଥାନ ସହାୟତାରେ ପୁରୁଣାପାଣିରେ ୧୫ ମହିଳା ଉଦ୍ୟୋଗୀଙ୍କୁ ନେଇ ଗଠିତ ସ୍ୱୟଂ ସହାୟକ ଗୋଷ୍ଠୀ 'ଅନୋଖି' ପାଇଁ ଟ୍ରେନିଙ୍ଗ କମ୍ ପ୍ରଡକ୍ସନ ସେଣ୍ଟର (ଟିସିପିସି) ପ୍ରତିଷ୍ଠା କରାଯାଇଛି। କେନ୍ଦ୍ରରେ ୪ଟି ଅତ୍ୟାଧୁନିକ ସିଲେଇ ମେଶିନ, ଗୋଟିଏ ଇଣ୍ଟରଲକ୍ ମେଶିନ, ୫ଟି ମୋଟରାଇଜ୍‌ଡ ସିଲେଇ ମେଶିନ ରହିଛି। 'ଅନୋଖି'ର ସଦସ୍ୟାଙ୍କୁ ପୂର୍ବରୁ ଆର୍‌ଏସ୍‌ପି ସିଏସ୍‌ଆର ବିଭାଗ ଇନିଷ୍ଟିଚ୍ୟୁଟ୍ ଅଫ୍ ଫେରୀଫେରି ଡେଭଲପ୍‌ମେଣ୍ଟରେ ୧୫ଦିନର ତାଲିମ ପ୍ରଦାନ କରାଯାଇଥିଲା। ପଞ୍ଚାୟତ ଦ୍ୱାରା ପ୍ରଦାନ ହୋଇଥିବା ଏକ କୋଠାରେ ଏହି କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଆର୍‌ଏସ୍‌ପିର ଜିଏମ୍ ଇନ୍‌ଚାର୍ଜ (ମାର୍କେଟିଂ) କେ. ଏସ. ବିର୍ଡି କେନ୍ଦ୍ରକୁ ଲୋକାର୍ପଣ କରିଥିଲେ। ଏ ନେଇ ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ର ,ଏଜିଏମ୍ ଟିବି ଟପ୍ପୋ, ଉଷା ସିଲାଇ ଓଡିଶା ମୁଖ୍ୟ ବିଜୟାନନ୍ଦ ଦାଶ, ଗ୍ରାମ ଉତ୍ଥାନ ପ୍ରତିନିଧି ଗୁରୁ ପ୍ରସାଦ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଶୋକ ଏକ୍କା, ମିଶନ ଶକ୍ତିର ବିଳାସୀ ଖାଲ୍‌କୋ, ଆର୍‌ଏସ୍‌ପି ତଥା ସମ୍ପୃକ୍ତ ଏଜେନ୍ସିର ଅନ୍ୟ ଷ୍ଟାଫ୍ ଉପସ୍ଥିତ ଥିଲେ। ମହିଳାଙ୍କୁ ମାଷ୍ଟର ଟ୍ରେନର (ଉଷା ସିଲେଇ ସ୍କୁଲ) ପ୍ରଭାତ ଖୁଣ୍ଟିଆ ତାଲିମ ଦେଉଛନ୍ତି। ଏଥିପାଇଁ ଆର୍‌ଏସ୍‌ପି ୮.୭ ଲକ୍ଷ ଟଙ୍କା ବ୍ୟୟ ଓ ଉତ୍ପାଦନ ଆରମ୍ଭ ପାଇଁ ୫୦ହଜାର ଟଙ୍କାର ସିଡ୍ ଫଣ୍ଡ ଧାର୍ଯ୍ୟ କରିଛି।

# ଆର୍‌ଏସ୍‌ପି ସୁରକ୍ଷା ବର୍ଗକୁ ୬ ପୁରସ୍କାର

## ଜେସିଏସ୍‌ଏସ୍‌ଆଇ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ରାଉରକେଲା ଅଫିସ,୨୩।୩

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ କାରଖାନାର ବିଭିନ୍ନ ଜୋନ୍‌ରେ ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁହାର ପାଇଁ ୬ଟି ଜାତୀୟସ୍ତରୀୟ ଇସ୍ପାତ ସୁରକ୍ଷା ପୁରସ୍କାର ଲାଭ କରିଛି। ଆର୍‌ଏସ୍‌ପି ତରଫରୁ ସୁରକ୍ଷା ଇଞ୍ଜିରିଙ୍ଗ ବିଭାଗର ଏଜିଏମ୍ ବିନୟ ଯାଦବ, କାର୍ତ୍ତିକ ଖାଲ୍‌କୋ, ଏସ୍‌ଏମ୍‌ଏସ୍-୨ ବିଭାଗର ସିନିୟର ମ୍ୟାନେଜର ଅଖିଳ ମହାରଣା, ରାଉରକେଲା ଶ୍ରମିକ ସଂଘ ସାଧାରଣ ସମ୍ପାଦକ ପି. କେ. ବେହେରା ଏବଂ ସିଆଇଟିୟୁ ସାଧାରଣ ସମ୍ପାଦକ ବସନ୍ତ ନାୟକ ପ୍ରମୁଖ ରାଞ୍ଚି ଏମ୍‌ଟିଆଇ ଏଚ୍‌ଆର୍‌ଡି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶିବ କୁମାର ଏବଂ ଇଏମ୍‌ଡି ବିଭାଗର ଏସ. କେ. ଦାସଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉତ୍ସବରେ ଜେସିଏସ୍‌ଏସ୍‌ଆଇର ଅଧ୍ୟକ୍ଷ ତଥା ସେଲ୍ ବୈଷୟିକ, ପ୍ରକଳ୍ପ ଏବଂ କଞ୍ଚାମାଲ୍ ବିଭାଗର ନିର୍ଦ୍ଦେଶକ ଏ. କେ. ସିଂହ, ଉପାଧ୍ୟକ୍ଷ ତଥା ଏସ୍‌ଏସ୍‌ଓର ନିର୍ବାହୀ ନିର୍ଦ୍ଦେଶକ ଆଶିଷ ଚକ୍ରବର୍ତ୍ତୀ, ସିଇଟି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଜଗଦୀଶ ଅରୋରା ଏବଂ ବିଭିନ୍ନ ଶ୍ରମିକ ସଙ୍ଗଠନର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।



ଆର୍‌ଏସ୍‌ପି ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ଦେବଗଡ଼ର ରଫ୍‌ତାର ଏକାଦଶ ଚାମ୍ପିୟନ

## ମା' ପ୍ରଧାନୀ ବୁଢ଼ି କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼, ୨୩।୩(ଡି.ଏନ.ଏ.)

ମା' ପ୍ରଧାନୀ ବୁଢି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୧୬ ତାରିଖଠାରୁ ସ୍ଥାନୀୟ ବଡବଗିଚା ଖେଳ ପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ମା'ପ୍ରଧାନୀ ବୁଢି କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ସୁନ୍ଦରଗଡ଼ ଜିଲା ବଣାଇଁର ଓଲଡ୍ ଏକାଦଶକୁ ପରାସ୍ତ କରି ଦେବଗଡ଼ର ରଫତାର ଏକାଦଶ ଚାମ୍ପିୟନ ହୋଇଛି। ଦେବଗଡ଼ର ରଫତାର ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ମୋଟ ୭୦ରନ କରିଥିବାବେଳେ ବଣାଇଁର ଓଲ୍‌ଡ ଏକାଦଶ ସମସ୍ତ ଉଇକେଟ ହରାଇ ମାତ୍ର ୬୦ ରନ୍ କରିବା ସହ ୧୦ ରନରେ ପରାସ୍ତ ହୋଇଥିଲା। ଫାଇନାଲ ମ୍ୟାଚକୁ ଅମ୍ପାୟାର ଭାବେ ସନ୍ନି ପାଲ ଓ କିରଣ ନାୟକ ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ ବେଣୁଧର ଗଡନାୟକ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଅପରାହ୍ନରେ ଆୟୋଜକ କ୍ଲବର ସଭାପତି ଚନ୍ଦନ ଦେବଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଈ, ସମ୍ମାନିତ ଅତିଥି ଭାବେ ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ ଓ ଆଇନଜୀବୀ ପ୍ରଣବ କୁମାର ସ୍ୱାଇଁ ଯୋଗଦେଇ ଚାମ୍ପିୟନ ରଫତାର ଏକାଦଶକୁ ଟ୍ରଫିସହ ନଗଦ ୩୦ ହଜାର ଟଙ୍କା ଓ ରନର୍ସ ଅପ ବଣାଇଁର ଓଲଡ୍ ଏକାଦଶ ଦଳକୁ ଟ୍ରଫିସହ ନଗଦ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ଟିକୁ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିଯୋଗିତା ଆୟୋଜନରେ କ୍ଲବର କୋଷାଧ୍ୟକ୍ଷ ଇଲୁ ସିଂ, ସଦସ୍ୟ ସିପୁନ, ରାଜ, ମିଲନ, ରିଙ୍କୁ, ସୁଜନ, ଲକି, ସିଲୁ ଓ ଆଶିଷ ପ୍ରମୁଖ ସହଯୋଗ କରିଥିଲେ ।


କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ଅତିଥି ଓ ଖେଳାଳି।

**ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା**

ମୁରିବାହାଲ,(ଡି.ଏନ.ଏ.): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ଷୋହଳ ପ୍ରହର ନାମଯଜ୍ଞ ସକାଶେ ଗୁରୁବାର ଅଧିବାସ ହୋଇଛି। ଏଥିପୂର୍ବରୁ ବରମୁଣ୍ଡା ବନ୍ଧରୁ ପୂର୍ଣ୍ଣ ଜଳ କଳସ ଆଣି ମଣ୍ଡପରେ ସ୍ଥାପନ କରାଯାଇଥିଲା। କର୍ତ୍ତାଭାବେ ଦେବେନ୍ଦ୍ର ଭୋଇ ଓ ତାଙ୍କ ସ୍ତ୍ରୀ ସଙ୍ଗୀତା ଭୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଦିଲୀପ କୁମାର ପୃଷ୍ଟି, ସୁରେଶ ଭୋଇ, ମଳୟ ପୁଟେଲ, ଯୁଧିଷ୍ଠିର ଭାରସାଗରିଆ, ଜୟ କିଶାନ ବାଗ, କୈବଲ୍ୟ ସିଂ ମାଝି କପିଳାସ ଭୋଇ ପ୍ରମୁଖ ଅଧିବାସ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜୈବ ସମ୍ପଦ ସୁରକ୍ଷାକୁ ପ୍ରାଥମିକତା

**ଜୈବ ବିବିଧତା ପରିଚାଳନା ସମିତି ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ**

- ଯୋଗଦେଲେ ବଲାଙ୍ଗୀର, ବରଗଡ ଜିଲାର ୧୦୦ ସମିତି ସଦସ୍ୟ
- ଅନୁଭୂତି, ଅଭିଜ୍ଞତା ବାଣ୍ଟିଲେ ବୈଦ୍ୟ, ସ୍ୱେଚ୍ଛାସେବୀ, ବନ କର୍ମଚାରୀ

ବଲାଙ୍ଗୀର ଅଫିସ, ୨୩।୩

ଓଡିଶା ଜୈବ ବିବଧତା ବୋର୍ଡ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜୟବାୟୁ ପରିବର୍ତ୍ତନ ବିଭାଗ ଏବଂ ବଲାଙ୍ଗୀର ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଜୈବ ବିବିଧତା ପରିଚାଳନା ସମିତି ସଦସ୍ୟଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଓ ବରଗଡ ଜିଲାର ୧୦୦ଟି ଜୈବ ବିବିଧତା ପରିଚାଳନା ସମିତି ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଜିଲାପାଳ ଚଞ୍ଚଳ ରାଣା, ସମ୍ମାନିତ ଅତିଥି ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନୀତିଶ କୁମାର, ଓଡିଶା ଜୈବ ବିବିଧତା ବୋର୍ଡର ଜୈବ ବୈଜ୍ଞାନିକ ପ୍ରସାଦ ଦାଶ, ସତ୍ୟରଞ୍ଜନ ବେହେରା, ଡ ଶୁଭ୍ରାଂଶୁ ନାୟକ, ଜିଲା କୃଷି ଅଧିକାରୀ ଏବଂ ଜିଲା ପଞ୍ଚାୟତ ଅଧିକାରୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଜଙ୍ଗଲ ମଞ୍ଚ ଅଧ୍ୟକ୍ଷ କୁଳମଣି ସାହୁ ପରିଚାଳନା କରିଥିଲେ। ଅତିଥିମାନେ ଜୈବ ବିବିଧତା ସୁରକ୍ଷା, ଉନ୍ନତି ଏବଂ ପରିଚାଳନା ଦିଗରେ ଜୈବ ବିବିଧତା ପରିଚାଳନା ସମିତିର ଭୂମିକା ଓ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ସଭାରେ ବଲାଙ୍ଗୀର ବରଗଡ ଜିଲା ସୀମାରେଖାରେ ଦଣ୍ଡାୟମାନ ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡକୁ ରାଜ୍ୟ ସରକାର ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଥିବା ସୂଚନା ଦିଆଯାଇଥିଲା। ଏହା ଏହି ଅଞ୍ଚଳ ସମେତ ସମଗ୍ର ଜୈବ ମଣ୍ଡଳ ପାଇଁ ଏକ ଅମୂଲ୍ୟ ସମ୍ପଦ ଏବଂ ଏହାର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ।

ସମଗ୍ର ପୃଥିବୀରେ ଏଭଳି ଖୁବ୍ କମ୍ ସ୍ଥାନ ରହିଛି ଯେଉଁଠି ଜୈବ ବିବିଧତା କ୍ଷେତ୍ର ବିଲୁପ୍ତ ହେବାରୁ ବଞ୍ଚି ରହିଛି। ଗନ୍ଧମାର୍ଦ୍ଦନରେ ଏବେ ମଧ୍ୟ ସହସ୍ରାଧିକ ପ୍ରଜାତିର ଔଷଧିୟ ଗୁଳ୍ମ, ଫୁଲ, ଫଳ, ଗଛ, ଜଡିବୁଟି ଭରିରହିଛି। ଏହା ସମଗ୍ର ମାନବଜାତି ପାଇଁ ଏକ ଦୁର୍ଲଭ ଏବଂ ବିରଳ କ୍ଷେତ୍ର ଏଣୁ ଏହାର ସୁରକ୍ଷା ଜରୁରୀ ବୋଲି ଜିଲାପାଳ ରାଣା, ଡିଏଫ୍ଓ କୁମାର ଓ ଜୈବ ବିବିଧତା ବୋର୍ଡ ବୈଜ୍ଞାନିକ ପ୍ରସାଦ ଦାଶ ଗୁରୁତ୍ୱାରୋପ କରିଥିଲେ। ସଭାରେ ବଲାଙ୍ଗୀର ଓ ବରଗଡ ଜିଲାର ବିଭିନ୍ନ ଜୈବ ବିବିଧତା ସମିତିର ସଦସ୍ୟମାନେ ନିଜର ଅନୁଭୂତି ବର୍ଣ୍ଣନା କରି କିଭଳି ଭାବେ ଗନ୍ଧମାର୍ଦ୍ଦନ ସୁରକ୍ଷା କରାଯାଇ ପାରିବ ସେ ଦିଗରେ ଉପାୟ ଓ ଯୋଜନା ସମ୍ପର୍କରେ କହିଥିଲେ। ଗନ୍ଧମାର୍ଦ୍ଦନରୁ ବହୁ ବିରଳ ଔଷଧିୟ ଗୁଳ୍ମ ବିଲୁପ୍ତ ହୋଇଯାଉଥିବା ସ୍ଥାନୀୟ ବୈଦ୍ୟମାନେ ସୂଚନା ଦେଇ କିଭଳି ଏହାର ସୁରକ୍ଷା ଏବଂ ପୁନରୁଦ୍ଧାର କରାଯାଇପାରିବ ସେଦିଗରେ ଗୁରୁତ୍ୱାରୋପ କରିଥିଲେ। ଗନ୍ଧମାର୍ଦ୍ଦନ ପାହାଡର ଚାରିପଟେ ବ୍ୟାପକ ସଚେତନତା ସୃଷ୍ଟି ଏବଂ ଜନସହଭାଗିତା ବୃଦ୍ଧି ଉପରେ ଗୁରତ୍ୱାରୋପ କରାଯାଇଥିଲା। ଗନ୍ଧମାର୍ଦ୍ଦନକୁ ଜୈବ ବିବିଧତା ଐତିହ୍ୟସ୍ଥଳୀ ଘୋଷଣା କରାଯିବା ପରେ ଏବେ ଜୈବ ବିବିଧତା ପରିଚାଳନା ସମିତି, ଜିଲା ପ୍ରଶାସନ, ଗବେଷକ ଏବଂ ଜନସାଧାରଣଙ୍କ ଦାୟିତ୍ୱ ବଢ଼ି ଯାଇଛି ବୋଲି କୁହାଯାଇଥିଲା। ଜିଲାପାଳ ରାଣା ଏବଂ ଡିଏଫ୍ଓ କୁମାର ଗନ୍ଧମାର୍ଦ୍ଦନର ସୁରକ୍ଷା ଏବଂ ପୁନରୁଦ୍ଧାର ପାଇଁ ସବୁପ୍ରକାର ଏବଂ ସବୁ ସ୍ତରରେ ଉଦ୍ୟମ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବନବିଭାଗର ବହୁ ରେଞ୍ଜ ଅଫିସର, ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ମଧ୍ୟ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ।



ଜୈବ ବିବିଧତା ପରିଚାଳନା ସମିତି ସଦସ୍ୟଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା



ଋଣ କର୍ମଶାଳାରେ ଉପସ୍ଥିତ ଚାଷୀ।

ଲୋଇସିଂହା,୨୩।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ସ୍ଥିତ ବୁରୋଭାଡି ପ୍ରାଥମିକ କୃଷି ସମବାୟ ସମିତିରେ ପଞ୍ଚାୟତସ୍ତରୀୟ ବ୍ୟଶଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୋର୍ଡ ସଭାପତି ଫକିର ବିଶ୍ୱାଳ କର୍ମଶାଳାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଡିସିସି ନିର୍ଦ୍ଦେଶକ ଚିନ୍ତାମଣି ଭୋଇ ମୁଖ୍ୟଅତିଥି, ଡୁଡୁକା ଶାଖା ପରିଚାଳକ ଶିରୋମଣି ସାହୁ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ସେଠ, ସମିତି ସଭ୍ୟ ଦେବଦତ୍ତ ଦଣ୍ଡସେନା, ଉଦେନାଥ ନାଏକ, ବିକ୍ରମ ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶାଖା ପରିଚାଳକ ସାହୁ ଚାଷ ଏବଂ ଚାଷୀଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ସମିତିରୁ ନେଉଥିବା ଋଣକୁ ସଠିକ ବିନିଯୋଗ କରି ବର୍ଷକ ମଧ୍ୟରେ ପରିଶୋଧ କରିବାକୁ ପରାମର୍ଶ ଦେଇଥିଲେ। ସମିତି ସମ୍ପାଦକ ପ୍ରିତମ ମିଶ୍ରଙ୍କ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଚକ୍ଷୁ ପରୀକ୍ଷା ଶିବିର

ଲୋଇସିଂହା,୨୩।୩(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ସରଗାଡଠାରେ ଚକ୍ଷୁ ପରୀକ୍ଷା ଶିବିର ଗୁରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭୮୨ଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରୁ ୯୨ ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଛି। ବ୍ଲକ ଯୋଗାଣ ନିରୀକ୍ଷକ ସୌମ୍ୟରଞ୍ଜନ ମହାନନ୍ଦ, ଡାକ୍ତର ଶୁଭେନ୍ଦୁ ଶେଖର ପଧାନ, ଉନ୍ନୟନ ନିଗମର କିଶୋର କୁମାର ଦଲାଇ, ଶ୍ରୀକଣ୍ଠ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ବନ ଉନ୍ନୟନ ନିଗମ ପକ୍ଷରୁ ଉପରବାହାଲସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ବୀରମହାରାଜପୁର ମହାନଦୀ ନେତ୍ର ଚିକିତ୍ସାଳୟ ଆନୁକୂଲ୍ୟରେ ଶିବିର ଆୟୋଜିତ ହୋଇଥିଲା।

### କଣ୍ଟାବାଞ୍ଜି ଜିଲା ଦାବିନେଇ ସର୍ବଦଳୀୟ ବୈଠକ

କଣ୍ଟାବାଞ୍ଜି,୨୩।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସି, ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକକୁ ନେଇ ଗଠିତ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ସ୍ୱତନ୍ତ୍ର ଜିଲା ଦାବି କରିଛି ଜିଲା ସଂଘର୍ଷ ସମିତି। ଏହି ଦାବିକୁ ସଫଳ କରିବା ପାଇଁ ଗୁରୁବାର ସ୍ଥାନୀୟ ହରିଭବନରେ ଏକ ଜରୁରୀ ବୈଠକ ବସିଥିଲା। ଜିଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ସଂଘର୍ଷ ସମିତି ସଦସ୍ୟ, ସାମାଜିକ ଅନୁଷ୍ଠାନ, ବ୍ୟକ୍ତି ବିଶେଷ, ବିଭିନ୍ନ କ୍ଲବ, ସଂଗଠନ ପ୍ରତିନିଧିଙ୍କ ସହ ତୁରେକେଲା ବ୍ଲକ ସରପଞ୍ଚ ସଂଘ ସଭାପତି ଜଳନ୍ଧର ମହାକୁଡ, ସମିତି ସଭ୍ୟ ପ୍ରମୋଦ ମହାପାତ୍ର, ଗିରିରାଜ ସିଂ ମାଝି, କଣ୍ଟାବାଞ୍ଜି ଏନଏସିର ନଗରପାଳ ବରିୟାମ ସିଂ ସାଲୁଜା, ବିଜେଡି ଓ କଂଗ୍ରେସର କର୍ମକର୍ତ୍ତା, ଭାଜପା ନଗର ସଭାପତି ବେଦବ୍ୟାସ ନାଗ, ଲକ୍ଷ୍ମଣ ବାଗ ପ୍ରୁଖ ଉପସ୍ଥିତ ରହି ଜିଲା ଗଠନ ଦାବିକୁ ତୀବ୍ରତର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କଣ୍ଟାବାଞ୍ଜି ସହର ଏବଂ ତୁରେକେଲା ବ୍ଲକରେ ଆନ୍ଦୋଳନ ଜରିଆରେ ଦାବି ଉପସ୍ଥାପନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି।

# ପରୀକ୍ଷା ନ ସରିବାଯାଏ ସରବରାହ ବିଚ୍ଛିନ୍ନ ହେବନି

ଲୋଇସିଂହା, ୨୩।୩(ଡି.ଏନ.ଏ.)

ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ଗ୍ରାମରେ ମଙ୍ଗଳବାର ରାତିରୁ ସରବରାହ ବନ୍ଦ କରି ଦିଆଯାଇଛି। ବିଭାଗର କଠୋର ଆଭିମୁଖ୍ୟ ନେଇ ଗ୍ରାମବାସୀ ଗୁରୁବାର ଲୋଇସିଂହା ସବ୍‌ଡିଭିଜନ କାର୍ଯ୍ୟାଳୟ ଯାଇ ସେକ୍ସନ ଅଫିସର ଶୁଭେନ୍ଦୁ ଶେଖର ଗିରିଙ୍କ ନିକଟରେ ଅସନ୍ତୋଷବ୍ୟକ୍ତ କରିଥିଲେ। ସରପଞ୍ଚ ଉଦେନାଥ ନାଏକଙ୍କ ନେତୃତ୍ୱରେ ଆଦିବାସୀ ନେତା କ୍ଷମା ଦଳପତି, ପୂର୍ବତନ ସରପଞ୍ଚ ଅଶୋକ ପଟେଲ ପ୍ରମୁଖ ଅଧିକାରୀଙ୍କୁ କହିଥିଲେ ଯେ, ବିଲ୍ ଦେୟ ଦେଇ ନ ଥିବା ଉପଭୋକ୍ତାଙ୍କ ସରବରାହ ବିଚ୍ଛିନ୍ନ ନ କରି କେଉଁ ଉଦ୍ଦେଶ୍ୟରେ ଟ୍ରାନ୍ସଫର୍ମରରୁ କାଟି ଦିଆଯାଇଛି। ନିୟମିତ ବିଲ୍ ପୈଠ କରୁଥିବା ଉପଭୋକ୍ତାଙ୍କୁ କାହିଁକି ହଇରାଣ କରାଯାଉଛି ବୋଲି ସେମାନେ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ହେଲେ ଅଧିକାଂଶ ଉପଭୋକ୍ତା ବିଲ୍ ଦେଉ ନ ଥିବାରୁ ଏପରି ପଦକ୍ଷେପ ନିଆଯାଇଥିବା ସେକ୍ସନ ଅଫିସର ଗିରି କହିବା ପରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଏହି ଘଟଣା ଲୋଇସିଂହା ଥାନାକୁ ଯାଇଥିଲା। ପରୀକ୍ଷା ଚାଲିଥିବାରୁ ମାନବିକତା ଦୃଷ୍ଟିକୋଣରୁ ବିଦ୍ୟୁତ୍ ନକାଟିବାକୁ ମତ ପ୍ରକାଶ ପାଇଥିଲା।



ସେକ୍ସନ ଅଧିକାରୀଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

## ବ୍ଲକସ୍ତରୀୟ ପରାମର୍ଶ ଶିବିର

ଲୋଇସିଂହା,୨୩।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ନିଯୁକ୍ତି ଭିତ୍ତିକ ତାଲିମ ଓ ବୈଷୟିକ ଶିକ୍ଷା ଗ୍ରହଣ ପାଇଁ ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରେ ୭୦ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ବିଡିଓ ଆକାଶ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଏବିଡିଓ ବିଜୟ କୁମାର ହୋତା, ବ୍ଲକ ସରପଞ୍ଚ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଡିଓ ସାହୁ ଶିକ୍ଷିତ ବେକାର ଯୁବତୀଯୁବକମାନେ ଏପରି ଶିବିରର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ। ବିପିଏମ ମଧୁସ୍ମିତା ବିଶ୍ୱାଳ ଶିବିର ସଂଯୋଜନା କରିଥିଲେ।

## ବ୍ୟାଙ୍କ ଋଣ ସମ୍ବନ୍ଧୀୟ ସଚେତନତା କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥି।

ମୁରିବାହାଲ,୨୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ବାଙ୍କେଲ ପଞ୍ଚାୟତରେ ଗୁରୁବାର ସମବାୟ ସମିତି ତରଫରୁ ବ୍ୟାଙ୍କ ଓ ଋଣ ସମ୍ବନ୍ଧୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ରୋହିତ ଟାକ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ହଂସରାଜ ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ସମବାୟ ସମିତି ଉପସଭାନେତ୍ରୀ ଭାଗ୍ୟବତୀ ପୁଟେଲ, ମୁରିବାହାଲ କୋଅପରେଟିଭ ବ୍ୟାଙ୍କ ସୁପରଭାଇଜର ସହଦେବ ବାଗ, ଭିଏଡବ୍ଲ୍ୟୁ ଅକ୍ଷୟ ରଥ, ବାଙ୍କେଲ ସରପଞ୍ଚ ଲକ୍ଷ୍ମଣ ଦୋରା, ବରୁଣ ଲୁହା ପ୍ରମୁଖ ଉପସ୍ଥିତ ରହି ସମବାୟ ସମିତି କୃଷକର ବିକାଶ ଦିଗରେ ସର୍ବାଧିକ ଗୁରୁତ୍ୱ ଦେବାକୁ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଉକ୍ତ ସମବାୟ ସମିତିର ସ୍ୱୟଂ ସହାଗୋଷ୍ଠୀ ମହିଳା, କୃଷକ ଓ କେତେକ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ବିନୋଦ ଦୀପ, ଭେଷ ପାଣିଗ୍ରାହୀ, ରମେଶ ବଗର୍ତ୍ତି, ଋଷବ ଘିଭେଲା, ସାରଙ୍ଗ ପୁଟେଲ, ପୂର୍ଣ୍ଣ ସାହୁ, ଚନ୍ଦ୍ର ବାଗ ଓ ଶତାଧିକ ଜନ ସାଧାରଣ ସହଯୋଗ କରିଥିଲେ।

# ଚିହ୍ନଟ ୯୯ ପ୍ରକଳ୍ପରୁ ସହାୟତା ପାଉଛି ୮

**କେନ୍ଦ୍ରୀୟ ଯୋଜନାର ଫାଇଦା ଓଡିଶାକୁ ମିଳୁନାହିଁ**

ବଲାଙ୍ଗୀର ଅଫିସ, ୨୩।୩

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ଏଆଇବିପି କାର୍ଯ୍ୟକ୍ରମରେ ସାମିଲ ପାଇଁ କେନ୍ଦ୍ର ଓ ରାଜ୍ୟ ଓଡିଶାର ୯୯ ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପକୁ ଚିହ୍ନଟ କରିଥିଲେ। ପିଏମକେଏସୱାଇ-ଏଆଇବିପି ଯୋଜନାରେ ରାଜ୍ୟର ଏହି ୯୯ ପ୍ରକଳ୍ପ ମଧ୍ୟରୁ କେନ୍ଦ୍ରରୁ କିନ୍ତୁ ସହାୟତା ପାଉଛି ମାତ୍ର ୮ ପ୍ରକଳ୍ପ। ସୂଚନା ଅଧିକାର ଆଇନ ବଳରେ ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡାଙ୍କୁ ଭାରତ ସରକାରଙ୍କ ଜଳସମ୍ପଦ ମନ୍ତ୍ରଣାଳୟ ଜଳ ଯୋଜନା ଏବଂ ପରିଯୋଜନା ବିଭାଗର ଜନ ସୂଚନା ଅଧିକାରୀ ଏହି ତଥ୍ୟ ପ୍ରଦାନ କରିଛନ୍ତି।

ତଥ୍ୟରୁ ଜଣାପଡିଛି ଯେ, ରାଜ୍ୟମାନଙ୍କ ଜଳସେଚନ ପ୍ରକଳ୍ପଗୁଡିକୁ କେନ୍ଦ୍ରୀୟ ସହାୟତା ପାଇଁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା-ତ୍ୱରିତ ଜଳସେଚନ ଲାଭ କାର୍ଯ୍ୟକ୍ରମ ଓ ଜାତୀୟ ପ୍ରକଳ୍ପ-୨୨ର ନୂତନ ମାର୍ଗଦର୍ଶିକା ଅନୁଯାୟୀ ୨୦୨୧ରୁ ରାଜ୍ୟମାନଙ୍କ ବର୍ଗୀକରଣ କରାଯାଇ ଆର୍ଥିକ ସହାୟତା ଦିଆଯାଉଛି। ପ୍ରଥମ ବର୍ଗରେ ୮ ଉତ୍ତର ପୂର୍ବାଞ୍ଚଳର ରାଜ୍ୟ, ୨ଟି ହିମାଳୟାନ ରାଜ୍ୟ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଜାମ୍ମୁ କଶ୍ମୀର, ଲଦାଖକୁ ରଖାଯାଇଛି। ପ୍ରଥମ ବର୍ଗର ରାଜ୍ୟମାନେ ୯୦:୧୦ ହାରରେ କେନ୍ଦ୍ରୀୟ ସହାୟତା ପାଇପାରିବେ। ଦ୍ୱିତୀୟ ବର୍ଗରେ ଦେଶର ମରୁଡି ପ୍ରବଣ ଅଞ୍ଚଳ, ମରୁଭୂମି ବିକାଶ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳ, ଆଦିବାସୀ ଅଧ୍ୟୁଷିତ, ବନ୍ୟାଞ୍ଚଳ, ମାଓବାଦୀ ପ୍ରପୀଡିତ ଅଞ୍ଚଳ, ବୁନ୍ଦେଲଖଣ୍ଡ, ବିଦର୍ଭ, ମରାଠୱାଡା ଓ ଓଡିଶାର କେବିକେ ଅଞ୍ଚଳ ରହିଛି । କେବିକେ ଅଞ୍ଚଳ ପ୍ରଥମ ବର୍ଗରୁ ଖସି ଦ୍ୱିତୀୟ ବର୍ଗରେ ରହିଛି । ଦ୍ୱିତୀୟ ବର୍ଗର ରାଜ୍ୟମାନେ ୬୦:୪୦ ହାରରେ କେନ୍ଦ୍ରୀୟ ସହାୟତା ପାଇବେ । ଅବଶିଷ୍ଟ ସାଧାରଣ ପାହ୍ୟା ରାଜ୍ୟର ସମସ୍ତ ଅଞ୍ଚଳକୁ ତୃତୀୟ ବର୍ଗରେ ସାମିଲ କରାଯାଇଛି। ଏହି ବର୍ଗର ରାଜ୍ୟର ପ୍ରକଳ୍ପ ୨୫:୭୫ ହାରରେ କେନ୍ଦ୍ରୀୟ ସହାୟତା ପାଇବେ। ପ୍ରଧାନମନ୍ତ୍ରୀ କୃଷିସିଞ୍ଚାଇ ଯୋଜନା ଅନ୍ତର୍ଗତ ଏଆଇବିପି କାର୍ଯ୍ୟକ୍ରମରେ ୨୦୧୬ରୁ ୨୦୨୨ ମଧ୍ୟରେ କେନ୍ଦ୍ରୀୟ ସହାୟତା ପାଇଥିବା ପ୍ରକଳ୍ପ ଗୁଡିକ ହେଲା କଳାହାଣ୍ଡି ଜିଲାର ଅପର ଇନ୍ଦ୍ରାବତୀ ଓ ରେତ୍ ଜଳସେଚନ ପ୍ରକଳ୍ପ। ଅପର ଇନ୍ଦ୍ରାବତୀକୁ ଏହି ସମୟସୀମା ମଧ୍ୟରେ ୧୮ କୋଟି ଓ ରେତ୍ ପ୍ରକଳ୍ପକୁ ୯୬ କୋଟି ୧୨ ଲକ୍ଷ ଟଙ୍କା ସହାୟତା ଦିଆଯାଇଛି। ସୁନ୍ଦରଗଡର ରୁକୁରା ପ୍ରକଳ୍ପକୁ ୨୫ କୋଟି ୧୨ ଲକ୍ଷ, କୋରାପୁଟର ତେଲେଙ୍ଗିରି ପ୍ରକଳ୍ପକୁ ୧୯୯ କୋଟି ୪୩ ଲକ୍ଷ, ନୂଆପଡାର ଲୋୟର ଇନ୍ଦ୍ର ପାଇଁ ୧୦୪ କୋଟି ୮୫ ଲକ୍ଷ, ମୟୂରଭଞ୍ଜର ସୁବର୍ଣ୍ଣରେଖା ପ୍ରକଳ୍ପ ପାଇଁ ୬୦୩ କୋଟି ୪୧ ଲକ୍ଷ, କେନ୍ଦୁଝର ଭଦ୍ରକର ଆନନ୍ଦପୁର ଫେଜ ୧ ବ୍ୟାରେଜ ଓ ସମନ୍ୱିତ ଆନନ୍ଦପୁର ବ୍ୟାରେଜ ପାଇଁ ୨୮ କୋଟି ଓ କେଉଁଝରର କାନୁପୁର ବ୍ୟାରେଜ ପାଇଁ ୧୩୩ କୋଟି ୯୧ ଲକ୍ଷଟଙ୍କା କେନ୍ଦ୍ରୀୟ ସହାୟତା ଦିଆଯାଇଛି। ଏହି ୮ଟି ପ୍ରକଳ୍ପକୁ ୨୦୧୬ରୁ ୨୦୨୨ ମଧ୍ୟରେ ୧୨୦୮ କୋଟି ୮୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କେନ୍ଦ୍ରୀୟ ଯୋଜନା ଗୁଡିକରୁ ଓଡିଶାକୁ ବିଶେଷ ଫାଇଦା ମିଳୁନାହିଁ ବୋଲି ସୂଚନା ଅଧିକାର କର୍ମୀ ପଣ୍ଡା କହିଛନ୍ତି ।

## ଖରିଫ ଚାଷ ତାଲିମ ଶିବିର

ଦେଓଗାଁ,୨୩।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ କୃଷି ପରାମର୍ଶ କେନ୍ଦ୍ରରେ ଗୁରୁବାର ଏଫଇଏସ ତରଫରୁ ଖରିଫ ଚାଷ ସମ୍ବନ୍ଧୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁବାଷ ବେହେରା, ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ଆତ୍ମା ଅଧକ୍ଷ ଗୋବିନ୍ଦ ଦାଶ, ଡେପୁଟି ପିଡି ସୁନନ୍ଦା ସାହୁ ଓ କୃଷି ଯନ୍ତ୍ରୀ ଅଙ୍କିତା ପୁରୋହିତ, ଅମୂଲ୍ୟ କୁମାର ବେହେରା ଯୋଗଦେଇଥିଲେ। ଏହି ଅବସରରେ ଏଫଇଏସ ଜିଲା ସଂଯୋଜକ ସୁଜିତ କୁମାର ଶତପଥୀ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ଜ୍ଞାପନ ତଥା ଗୋଷ୍ଠୀ ପ୍ରେରଣ ଉପରେ ଅବଗତ କରିଥିଲେ । ପ୍ରଶିକ୍ଷକ ଭାବେ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କୃଷକ ସାଥୀମାନଙ୍କୁ ନେଇ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏ ଅବସରରେ ବିଭିନ୍ନ ପଞ୍ଚାୟତରୁ ୪୦ଜଣ କୃଷକ ସାଥୀ ତଥା କୃଷି କର୍ମଚାରୀ ଉପସ୍ଥିତ ଥିଲେ ।

## ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା



ମନ୍ଦିର ପ୍ରତିଷ୍ଠା ପାଇଁ ବାହାରି ଥିବା କଳସ ଶୋଭାଯାତ୍ରା।

ପାଟଣାଗଡ, ୨୩।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ କାଦୋପଡାରେ ଥିବା ମା' ହୀରାସାଗରେନଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ଗୁରୁବାର କଳସ ଶୋଭାଯାତ୍ରା କରାଯାଇଥିଲା। ମହିଳାପୁରୁଷମାନେ ଟିକପାଲିରୁ ପୂର୍ଣ୍ଣ ଜଳ କଳସ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ମନ୍ଦିରକୁ ଆଣିଥିଲେ। ଏହି ଶୋଭାଯାତ୍ରାରେ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସହ ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସାମିଲ ହୋଇଥିଲେ । ମନ୍ଦିର ପ୍ରତିଷ୍ଠା ମହୋତ୍ସବ ୩ଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ଜନସାଧାରଣଙ୍କ ପାଇ ମନୋରଞ୍ଜନ କାର୍ଯ୍ୟକ୍ରମ ରହିଥିବା ସଭାପତି ଗୋଲାପ ରାମ ମେହେର କହିଛନ୍ତି।

# ଜିଲାସ୍ତରୀୟ ଯୁବ ପ୍ରୌଢ଼ ସଂସଦ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୨୩।୩

ବଲାଙ୍ଗୀର ନେହେରୁ ଯୁବ କେନ୍ଦ୍ର ଏବଂ ସଦାଇପାଲି ରାମଜୀ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ 'ବସୁଧୈବ କୁଟୁମ୍ବକମ୍' ବିଷୟରେ ଜିଲାସ୍ତରୀୟ ଯୁବ ପ୍ରୌଢ ସଂସଦ କାର୍ଯ୍ୟକ୍ରମ ସଦାଇପାଲି ସ୍ଥିତ ସାଇଟ-ଡିଏମ୍‌ସିଟି ହଲରେ ଆୟୋଜିତ ହୋଇଛି। ନେହେରୁ ଯୁବ କେନ୍ଦ୍ର ଯୁଥ ଅଫିସର ଏଭି ନରସିଂହା କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାମଜୀ ଯୁବକ ସଂଘ ସଭାପତି ଡା. ପ୍ରମୋଦ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ରସରାଜ ଅଚ୍ୟୁତ ପୁରୋହିତ, ସମ୍ମାନିତ ଅତିଥି ଭାବେ ସାଇଟ୍ ପ୍ରଶାସନିକ ଅଧିକାରୀ ସନ୍ତୋଷ କୁମାର ବ୍ରହ୍ମା, ବୀଣାପାଣି ଶିକ୍ଷା ସୌଧ ଏମ୍‌ଡି ଅଶୋକ କୁମାର ମେହେର, ଲୋପାମୁଦ୍ରା ମିଶ୍ର ଯୋଗ ଦେଇଥିଲେ। ହାଇସ୍କୁଲ ପ୍ରଧାନଶିକ୍ଷକ ବୃନ୍ଦାବନ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିମନ୍ତ୍ରିତ ସାଧନ କର୍ମୀ କାର୍ଯ୍ୟକ୍ରମରେ ଦକ୍ଷ ଜୀବନ ଶୈଳୀ ଏବଂ ବ୍ୟକ୍ତିତ୍ୱର ବିକାଶ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏଠାରେ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା । ମଞ୍ଚାସୀନ ଅତିଥିମାନେ ଅଂଶଗ୍ରହଣକାରୀ ଯୁବକ ଯୁବତୀଙ୍କୁ ବିକଶିତ ଓ ସମୃଦ୍ଧ ରାଷ୍ଟ୍ର ଗଠନ ଦିଗରେ ସେମାନଙ୍କ ଭୂମିକା ବିଷୟରେ କହିଥିଲେ। ଲୋକସମ୍ପର୍କ ବୃଦ୍ଧି କରି ଜନମଙ୍ଗଳ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ।




ବଲାଙ୍ଗୀର ଜିଲାସ୍ତରୀୟ ଯୁବ ପ୍ରୌଢ଼ ସଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଡାକଘର ପଦବୀ ପାଇଁ ନକଲି ସାର୍ଟିଫିକେଟ

**ଥାନାରେ ଷ୍ଟେସନ ଡାଇରୀ କଲା ପୋଲିସ**

ବଲାଙ୍ଗୀର ଅଫିସ, ୨୩।୩

ବଲାଙ୍ଗୀର ଡାକମଣ୍ଡଳର ୮୩ ବ୍ରାଞ୍ଚ ପୋଷ୍ଟ ମାଷ୍ଟର, ଏବିପିଏମ ଓ ଡାକସେବକ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପଦବୀ ପାଇଁ ବହୁ ପ୍ରାର୍ଥୀ ଆବେଦନ କରିଛନ୍ତି। ଶୁକ୍ରବାର ବଲାଙ୍ଗୀର ପ୍ରଧାନ ଡାକଘରରେ ଏହି ପଦବୀଗୁଡିକର ସାର୍ଟିଫିକେଟ୍ ଭେରିଫିକେଶ କରାଯାଇଥିଲା। ଭେରିଫିକେଶନ ସମୟରେ କେତେକ ପ୍ରାର୍ଥୀଙ୍କ ବିଭିନ୍ନ ସାର୍ଟିଫିକେଟ ଉତ୍ତର ପ୍ରଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନର ହୋଇଥିବା ଜଣାପଡିଥିଲା। ଏପରିକି ବିଭିନ୍ନ ବିଷୟରେ ୯୯ ପ୍ରତିଶତ ପର୍ଯ୍ୟନ୍ତ ଅନେକ ପ୍ରାର୍ଥୀ ମାର୍କ ରଖିଥିବା ଦେଖାଯାଇଥଇଲା। ଏଭଳି ଦେଖିବା ପରେ ବଲାଙ୍ଗୀର ପ୍ରଧାନ ଡାକଘର ଅଧିକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ସମ୍ପୃକ୍ତ ସାର୍ଟିଫିକେଟ୍ ନକଲି ସନ୍ଦେହ କରିଥିଲେ। ଭେରିଫିକେଶ ପାଇଁ ଆସିଥିବା ଦୁଇଜଣ ପ୍ରାର୍ଥୀଙ୍କୁ ସନ୍ଦେହ କରି କିଛି ଲେଖା ଲେଖିବା ପାଇଁ କହିଥିଲେ। ସେମାନଙ୍କ ମାର୍କଶିଟ୍‌ରେ ଇଂଲିଶରେ ୯୯ ମାର୍କ ଉଲ୍ଲେଖ ଥିବାବେଳେ ଇଂରାଜୀ ଶବ୍ଦ ଲେଖି ଜାଣି ନ ଥିବା ଏବଂ ଠିକ କରି କହିପାରୁ ନ ଥିବା ଦେଖିଥିଲେ। ଏହାପରେ ତାଙ୍କର ସନ୍ଦେହ ବଢ଼ିଥିଲା। ସମ୍ପୃକ୍ତ ସାର୍ଟିଫିକେଟରେ ଡ ଆମ୍ବେଦକର ଇଣ୍ଟର କଲେଜ, ପ୍ରେମନଗର ଝାନ୍‌ସି ଲେଖାଯାଇଛି। ସାର୍ଟିଫିକେଟରେ ବିଭିନ୍ନ ବିଷୟରେ ୯୦ରୁ ୯୯ ପ୍ରତିଶତ ରହିଥିବା ଦେଖାଯାଇଥିଲା। ଡାକଘର ପଦବୀରେ ମାର୍କସିଟ୍ ଦେଖାଯାଇଥାଏ। ଅଧିକ ମାର୍କ ରଖିଥିବା ପ୍ରାର୍ଥୀଙ୍କୁ ଚାକିରି ଦିଆଯାଏ। ତେବେ ଏଠାରେ ଡାକଘର ଅଧିକ୍ଷକ ଉତ୍ତର ପ୍ରଦେଶ ମାର୍କଶିଟ୍ ଓ ସାର୍ଟିଫିକେଟ ଦେଖି ସନ୍ଦେହ କରିଥିଲେ। ଏହାପରେ ସେ ଟାଉନ୍ ଥାନା ଯାଇ ଘଟଣା ବିଷୟରେ ଅଭିଯୋଗ କରିବା ସହ ଦୁଇଜଣ ଯୁବତୀ ପ୍ରାର୍ଥୀଙ୍କ ବିରୋଧରେ କହିଥିଲେ। ତେବେ ବଲାଙ୍ଗୀର ଟାଉନ୍ ଥାନା ପକ୍ଷରୁ ଅଭିଯୋଗ ପାଇବା ପରେ ମାମଲା ରୁଜୁ କରା ନ ଯାଇ ଏକ ଷ୍ଟେସନ୍ ଡାଇରୀ କରାଯାଇଛି। ସନ୍ଦେହ ହେଉଥିବା ଉକ୍ତ ସାର୍ଟିଫିକେଟଗୁଡିକ ପ୍ରକୃତରେ ନକଲି କି ନାହିଁ ପ୍ରଥମେ ଯାଞ୍ଚ ହେବା କଥା। ଯାଞ୍ଚ ପାଇଁ ବିଧିବଦ୍ଧ ଭାବେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଗୁଡିକୁ ପଠାଯିବା କଥା। ଏହା ନକରି କିଭଳି ଭାବେ ଏହା ନକଲି ବୋଲି କୁହାଯାଇ ପାରିବ ବୋଲି ପୋଲିସ ପକ୍ଷରୁ ପ୍ରଶ୍ନ କରାଯାଇଛି। ବର୍ତ୍ତମାନ ଷ୍ଟେଶନ୍ ଡାଇରୀ କରାଯାଇଛି ଏବଂ ଯାଞ୍ଚ ପରେ ନକଲି ବୋଲି ସମ୍ପୃକ୍ତ ବୋର୍ଡ ଲିଖିତ ଜଣାଇବା ପରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ମାର୍ଚ୍ଚ, ୨୦୨୩

## ସଂକ୍ଷେପରେ

### ଘର ହିଁ ବିଦ୍ୟାଳୟର ଦ୍ୱିତୀୟ ପର୍ଯ୍ୟାୟ

**ଜାମଟିକ୍ରା, ୨୩।୩(ଡି.ଏନ.ଏ):** ଅତାବିରା ବ୍ଲକ ଗୋଡ଼ଭଗା ଘୁଡୁକାଟିକ୍ରା ସରସତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଘର ହିଁ ବିଦ୍ୟାଳୟର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଡାକ୍ତର ପ୍ରଶାନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ରୋଗ ଓ ତାର ପ୍ରତିକାର ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ପୁରୁଜୀ କରୁଣାକର ପାତ୍ର ଅତିଥି ପରିଚୟ ପ୍ରଦାନ ଓ ବାଟିକା ପ୍ରମୁଖ ମଞ୍ଜୁଲତା ପ୍ରଧାନ ଉଦେଶ୍ୟ ଜ୍ଞାପନ କରିଥିଲେ। ଅଭିଭାବିକାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଭିଭାବିକା ମଧୁସ୍ମିତା ସାଥୁଆ ଦେଶାତ୍ମବୋଧକ ଗୀତ ଗାନ କରିଥିଲେ। ପରିଚାଳନା କମିଟି ସଭାପତି ପ୍ରଦୀପ କର୍ଣ୍ଣ, ସମ୍ପାଦକ ପ୍ରେମାନନ୍ଦ ସାହୁ, ଯୁଗ୍ମ ସମ୍ପାଦକ କୃଷ୍ଣଚନ୍ଦ୍ର ସାଥୁଆ, ଉପସଭାପତି ପ୍ରସନ୍ନ ନାଏକ, କୋଷାଧକ୍ଷ ରଞ୍ଜିତ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରେମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଆରମ୍ଭ

**ପଦ୍ମପୁର, ୨୩।୩(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ବନଦୁର୍ଗା ମନ୍ଦିରରେ ଗୁରୁବାର ନବରାତ୍ର ଦୁର୍ଗାପୂଜା ଓ ନବଦୁର୍ଗା ମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମହେନ୍ଦ୍ର ଭୋଇ ଓ ଉମା ପ୍ରଧାନ ପୂଜା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟ ପଣ୍ଡିତ ରଘୁନାଥ ତ୍ରିପାଠୀ, ପଣ୍ଡିତ ଗିରିଶ ଚନ୍ଦ୍ର ହୋତା, ଅଶୋକ ପଣ୍ଡା, ଦେବେନ୍ଦ୍ର ତ୍ରିପାଠୀ ପୂଜାକାର୍ଯ୍ୟ କରୁଛନ୍ତି। ମନ୍ଦିର ପୂଜକ ପ୍ରଶାନ୍ତ ପଣ୍ଡା ସହଯୋଗ କରୁଛନ୍ତି। ଉତ୍ସବର ସଭାପତି ଡଃ ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ, କୋଷାଧକ୍ଷ ଅନିଲ କୁମାର ବେହେରା, ସୁଶାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ଯାଦବ ସମାଜ ବୈଠକ

**ପାଇକମାଲ, ୨୩।୩(ଡି.ଏନ.ଏ.):** ବରଗଡ ଜିଲା ପାଇକମାଲ ବ୍ଲକ ଲଖମରା ଗ୍ରାମପଞ୍ଚାୟତରେ ଗୁରୁବାର ଯାଦବ ସମାଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଯାଦବ ସମାଜ ସଭାପତି ବନମାଳି ଚନ୍ଦନ ସଭାପତିତ୍ୱ କରିଥିଲେ। ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଗ୍ରାମପଞ୍ଚାୟତ ଯାଦବ ସମାଜକୁ ପୁନର୍ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପ୍ରକାଶ ବାଗ, ଉପସଭାପତି ଉପେନ୍ଦ୍ର ପାଣ୍ଡେ, ସମ୍ପାଦକ ରସାନନ୍ଦ ବନଛୋର, ସହ ସମ୍ପାଦକ ପ୍ରଭାତ ବନଛୋର, କୋଷାଧକ୍ଷ ଭାବେ ସୁବାଷ ମହାକୁରଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ପଦ୍ମପୁର ନିର୍ବାଚନୀ ମଣ୍ଡଳୀ ଯୁବ ଯାଦବ ସଭାପତି ମାନସ ନାଗ ନବ ନିର୍ବାଚିତ ସଭାପତିଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମଲେଶ୍ୱରୀ ମନ୍ଦିର ସଭାପତି ମଧୁସୁଦନ ପାଣ୍ଡେ, ପାଇକମାଲ ବ୍ଲକ ସମ୍ପାଦକ ବାଲକୃଷ୍ଣ ବନଛୋର, ସମଲେଶ୍ୱରୀ ମନ୍ଦିର କୋଷାଧକ୍ଷ ସଚିଦା ନାଗ, ଝିଁକି ପଞ୍ଚାୟତ ସଭାପତି ନଳିନୀ ଥପା, ଟେମରୀ ପଞ୍ଚାୟତ ସଭାପତି ଚୂଡ଼ାମଣି ବନଛୋର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭେଙ୍ଗରାଜପୁର ଗ୍ରାମପଞ୍ଚାୟତରେ ନିରଞ୍ଜନ ଗହିରଙ୍କ ସଭାପତିତ୍ୱରେ ଯାଦବ ସମାଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭେଙ୍ଗରାଜପୁର ଗ୍ରାମପଞ୍ଚାୟତ ଯାଦବ ସମାଜ ପାଇଁ ସଭାପତି ଭାବେ ଟଙ୍କଧର ଗହିର, ସମ୍ପାଦକ କୃପାସିନ୍ଧୁ ଛତର ଓ କୋଷାଧକ୍ଷ ଭାବେ ଚୂଡ଼ାମଣି ଅଦାବରଙ୍କୁ ଚୟନ କରାଯାଇଥିଲା।

# ପଥର ଖାଦାନରେ ବେଆଇନ ବିସ୍ଫୋରଣ

- ଲୋକଙ୍କ ଘର କାନ୍ଥ ଫାଟିଲାଣି
- ମହାନଦୀ ଶଯ୍ୟା ପଥର ଉପରେ ମାଫିଆଙ୍କ ଦୃଷ୍ଟି

**ଭେଡେନ, ୨୩।୩(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ତହସିଲ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଥିବା ପଥର ଖାଦାନ, ପଥର ଚଟାଣ ଓ ପାହାଡ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି । ଏଠାରେ ପ୍ରତିଦିନ ଉଚ୍ଚ ଶକ୍ତିସମ୍ପନ୍ନ ଡିନାମାଇଟ ବିସ୍ଫୋରଣ କରାଯାଇ ପଥର ଉତ୍ତୋଳନ ହେଉଛି। ଫଳରେ ଲୋକଙ୍କ ଘର କାନ୍ଥଗୁଡିକ ଦବିଯାଇ ଫାଟ ସୃଷ୍ଟି ହେଲାଣି। ଏହି ବିସ୍ଫୋରଣ ଏତେ ପ୍ରଖର ଯେ ଖୋଳାଯାଇଥିବା ଗଭୀର ନଳକୂପ ଗୁଡିକରେ ମାଟି ଧସେଇ ହୋଇ ପୋତି ହୋଇଯାଉଥିବା ଅଭିଯୋଗ ହେଉଛି। ସେହିପରି ଏହି ପଥର ଖାଦାନଗୁଡିକ ସ୍କୁଲ, କଲେଜ ପାଖରେ ରହିଥିବା ବେଳେ ବିସ୍ଫୋରଣ ଯୋଗୁ ଛାତ୍ରୀଛାତ୍ରମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏ ନେଇ ଅଭିଭାବକ ମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଭେଡେନ ତହସିଲ ଅନ୍ତର୍ଗତ ଗଣ୍ଡତୁରୁମ, ଟିହିକିପାଲି, କେଶ୍ରିପାଲି, ମେହେନା, ଭାଲୁପାଲି, ସାରସପାଲି ଆଦି ଗ୍ରାମରେ ଥିବା ପଥର ଖାଦାନରେ ଏଭଳି ଅବସ୍ଥା ଦେଖିବାକୁ ମିଳୁଛି। ପଥର ମାଫିଆମାନେ ମହାନଦୀ ଗର୍ଭରେ ଥିବା ପଥରକୁ ମଧ୍ୟ ଛାଡୁନାହାନ୍ତି।

ସୂଚନା ଅନୁସାରେ, ଭେଡେନ ତହସିଲ ଅଧୀନ ଖାଦାନଗୁଡିକ ମଧ୍ୟରୁ ଅନେକ ଖାଦାନକୁ କେହି ଠିକାସୂତ୍ରରେ ନେଇ ନାହାନ୍ତି। କେତେକ ଖାଦାନ ଲିଜ୍ ସୂତ୍ରରେ ନିଆଯିବା ବ୍ୟବସ୍ଥା କରାଯାଇଛି। ଏଥିରେ ମଧ୍ୟ ପଥର ଉତ୍ତୋଳନ ପାଇଁ ବିସ୍ଫୋରକ ସାମଗ୍ରୀ ବ୍ୟବହାର ନ କରିବାକୁ ଚୁକ୍ତି କରାଯାଇଛି। ମାତ୍ର ସରକାରୀ ନିୟମକୁ ମାଫିଆମାନେ ଖୋଲାଖୋଲି ଉଲଂଘନ କରି ପଥର ଉତ୍ତୋଳନ କରୁଛନ୍ତି। ଏସବୁ ପ୍ରଶାସନର ଜାଣତରେ ହେଉଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ପଥର ଖାଦାନରେ ବ୍ୟବହୃତ ନାଇଟ୍ରେଟ, ଇଲେକ୍ଟ୍ରିକ ଡିଟୋନେଟର, ଜିଲେଟିନ ଭଳି ବିସ୍ଫୋରକ ସାମଗ୍ରୀ କେଉଁଠୁ ଆସୁଛି ଏବଂ କେଉଁଠି ଗଚ୍ଛିତ ରଖାଯାଉଛି ତାହାର ତଦନ୍ତ ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଭେଡେନ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କୁ ପଚରାଯିବାରୁ ସେ କହିଲେ, ଭେଡେନ ତହସିଲ ଅଧୀନ କେଶ୍ରିପାଲି, ଭାଲୁପାଲି ଏବଂ ଝରାପାଲି ଗ୍ରାମରେ ଥିବା ପଥର ଖାଦାନକୁ କେବଳ ଲିଜ୍ ସୂତ୍ରରେ ଦିଆଯାଉଛି। ଏହାର ସ୍ୱୀକୃତି ପାଇଁ ଭୁବନେଶ୍ୱର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପଠାଯାଇଛି। ସେଠାରୁ ଅନୁମତି ଆସିଲେ ଲିଜ୍ ସୂତ୍ରରେ ଦିଆଯିବ। ଯେଉଁମାନେ ଏଠାରେ ବିସ୍ଫୋରକ ବ୍ୟବହାର କରି ବେଆଇନ ଭାବେ ପଥର ଉତ୍ତୋଳନ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ମୁଣ୍ଡା କହିଥିଲେ।

# ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛବ ଉଦ୍‌ଘାଟନ



କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

### ସୋହେଲାରେ ନବରାତ୍ର ବାସନ୍ତିକ ଦୁର୍ଗାପୂଜା ଆରମ୍ଭ

**ସୋହେଲା, ୨୩।୩(ଡି.ଏନ.ଏ.)**

ବରଗଡ଼ ଜିଲା ସୋହେଲାର ମା' ଗୌରୀ ଦେବୀ ପୀଠରେ ଚୈତ୍ର ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ଅବସରରେ ମହିଳାମାନେ ସ୍ଥାନୀୟ ପୂର୍ଣ୍ଣୀବନ୍ଧରୁ ଏକ କଳସ ଶୋଭାଯାତ୍ରାରେ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ଏହାପରେ ପୂଜା ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଉଚ୍ଛବ' ଉଦ୍‌ଘାଟନ ହୋଇଥିଲା। ବରଗଡ଼ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୋହେଲା ବ୍ଲକ ଅଧକ୍ଷା ବବି ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରାଜକୁମାର ବଡପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସନାତନ ଧର୍ମ ଏବଂ ନବବର୍ଷ ଉପରେ ବକ୍ତବ୍ୟ ରଖିଥିଲେ। ଦୁର୍ଗାପୂଜା କମିଟି ଉପସଭାପତି ମହମ୍ମଦ ରଫିକ ସଭାପତିତ୍ୱ କରିଥିଲେ। ଅଧାପକ ତୁଷାରକାନ୍ତ ସାହୁ ସଭା ପରିଚଳନା କରିଥିବା ବେଳେ ବଳବୀର୍ ସିଂ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ସନ୍ଧ୍ୟାରେ ରେଙ୍ଗାଲିର ଭାରତୀ ଆଦିବାସୀ କିଷାନ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଆଦିବାସୀ କିଷାନ ନୃତ୍ୟ ଏବଂ ବଲାଙ୍ଗୀରର ରୁଣୁଝୁଣୁ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ମେ' ୧ରୁ ନୃସିଂହନାଥରେ ବୈଶାଖ ମେଳା



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଗଣ।

**ପାଇକମାଲ, ୨୩।୩(ଡି.ଏନ.ଏ.)**

ପଶ୍ଚିମ ଓଡିଶାର ପ୍ରସିଦ୍ଧ ପୁଣ୍ୟପୀଠ ବରଗଡ଼ ଜିଲା ପାଇକମାଲ ବ୍ଲକ ନୃସିଂହନାଥରେ ପ୍ରଭୁ ନୃସିଂହଙ୍କ ଆସନ୍ତା ଜନ୍ମୋତ୍ସବ ତଥା ବୈଶାଖ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଭୋଗମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁରର ଉପଜିଲାପାଳ ସଦାକର କୁମ୍ଭାର ଅଧକ୍ଷତା କରିଥିଲେ। ପାଇକମାଲ ବିଡିଓ ତଥା ମନ୍ଦିର ଟ୍ରଷ୍ଟି ସୁରେନ୍ଦ୍ର ସାହୁ ଯୋଗଦେଇ ଆସନ୍ତା ମେ ୧ରୁ ୫ ତାରିଖ ପର୍ଯ୍ୟନ୍ତ ବୈଶାଖ ମେଳା ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ । ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଗତ ବୈଶାଖ ମେଳାର ଆୟବ୍ୟୟ ପଠନ କରିଥିଲେ। ବୈଠକରେ ପାନୀୟଜଳ ସୁବ୍ୟବସ୍ଥା, ମେଳା ପରିସରକୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସରବରାହ, ପୋଲିସ ମୁତୟନ, ସ୍ୱାସ୍ଥ୍ୟ ସେବା ପାଇଁ ବ୍ୟାପକ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲା। ମେଳା ସୁପରିଚାଳନା ପାଇଁ ଏକ ୩୨ ଜଣିଆ କମିଟି ଗଠନ କରଯାଇଥିଲା। ବୈଶାଖ ମେଳାରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଅସ୍ଥାୟୀ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ଏସ୍‌ଡିଏମ୍‌ଓ ସରୋଜ କୁମାର ସେଠ, ପାଇକମାଲ ଥାନା ଆଇଆଇସି ସୁଶାନ୍ତ କୁମାର ବଢେଇ, ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ପୁରନ୍ଧର ସାହୁ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଜେଇ ସତ୍ୟବ୍ରତ ମାଝି, ବିକ୍ରମ ସରାଫ, ରାଜକୁମାର ସେଠ, ସୁରେନ୍ଦ୍ର ସାହୁ, ଅବକାରୀ ବିଭାଗର ସିଦ୍ଧାର୍ଥ ପାତ୍ର, ଅଗ୍ନିଶମ ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏପ୍ରିଲ ପ୍ରଥମ ସପ୍ତାହରେ ବୈଶାଖ ମେଳା କମିଟି ଓ ପ୍ରଶାନିକ ଅଧିକାରୀମାନଙ୍କୁ ନେଇ ଆଉ ଏକ ବୈଠକ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଶେଷରେ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚାୟତ ଗୋଦାମରୁ ଚାଉଳ ଚୋରି ଉଦ୍ୟମ ପଣ୍ଡ, ଜଣେ ଗିରଫ

**ତରଭା, ୨୩।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ପାଇକବାହାଲ ପଞ୍ଚାୟତ ଗୋଦାମରୁ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ରଖାଯାଇଥିବା ପିଡିଏସ ଚାଉଳ ଚୋରି ଉଦ୍ୟମ ପଣ୍ଡ ହୋଇଛି। ସରପଞ୍ଚ ଗଣନାଥ ସାହୁ ଜଣେ ଚୋରଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସରେ ଦେଇଥିବା ଏତଲାରୁ ପ୍ରକାଶ ଯେ, ୨୨ ତାରିଖ ବିଳମ୍ବିତ ରାତିରେ ପଞ୍ଚାୟତ ଗୋଦାମରୁ ଚାଉଳ ଚୋରି ହେଉଥିବା ଖବରପାଇ ସରପଞ୍ଚ ସାହୁ ଗ୍ରାମର କେତେଜଣଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ସମୟରେ ଏକ ବୋଲେରୋରେ ଚାଉଳ ବୋଝେଇ ହେଉଥିଲା। ସରପଞ୍ଚ ସାହୁ ସେଠାରେ ପହଞ୍ଚିବା ପରେ ୪ଚୋର ଦୌଡ଼ି ପଳାଉଥିବା ବେଳେ ଖଗସାକନାର ଗଙ୍ଗାଧର ଦେହେରୀଙ୍କୁ ଧରିଥିଲେ। ଖବର ପାଇ ମେଣ୍ଡା ଫାଣ୍ଡି ପୋଲିସ ସେଠଶରେ ପହଞ୍ଚି ଚାଉଳ ଲୋଡ଼ ହୋଇଥିବା ବୋଲେରୋ ଓ ଗଙ୍ଗା ଦେହେରିଙ୍କୁ ଫାଣ୍ଡିକୁ ନେଇଥିଲେ। ଏ ସମ୍ବନ୍ଧେ ତରଭା ଥାନାରେ ଏକ ମାମଲା(୫୮/୨୩) ରୁଜୁ ହୋଇଛି। ବିଡ଼ିଓ ବିନୟ ପଟେଲ ପାଇକବାହାଲ ପଞ୍ଚାୟତକୁ ଯାଇ ଗୋଦାମ ଗୃହର ଷ୍ଟକ ଯାଞ୍ଚ କରିଥିବା ସୂଚନା ମିଳିଛି।

# ସ୍ୱର୍ଗତ ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ଜୟନ୍ତୀ ସମାରୋହ




ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରପାଲି, ୨୩।୩(ଡି.ଏନ.ଏ.)**

ବରପାଲି ସ୍ଥିତ ଲିଟିଲ ଆଞ୍ଜେଲ୍‌ସ ପବ୍ଲିକ ସ୍କୁଲ ପରିସରରେ ଡା. ଧୀରେନ୍ଦ୍ର ନାଥ ମୁଣ୍ଡଙ୍କ ୯୦ତମ ଜୟନ୍ତୀ ସମାରୋହ ଗୁରୁବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡା. କାଳୀଚରଣ ଦାଶ ମୁଖ୍ୟ ଅତିଥି, ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧକ୍ଷ ସୁଶୀଲ କୁମାର ରଥ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଡା. ମୁଣ୍ଡଙ୍କ ତୈଳଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ସାରସ୍ୱତ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଦେବେନ୍ଦ୍ର କୁମାର ମହାପାତ୍ରଙ୍କ ସଂଯୋଜନାରେ ସହକାରୀ ଶିକ୍ଷକ ଆଦିତ୍ୟ ପ୍ରସାଦ କର ସ୍ୱର୍ଗତ ମୁଣ୍ଡଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ଆଲୋଚନା କରି ତାଙ୍କ ପଦାଙ୍କ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗତ ୧୮ ତାରିଖରେ ହୋଇଥିବା ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏକକ ଅଭିନୟରେ ପ୍ରିୟା ମାଝି, ଅମିଷା ସୁନା ଓ ସ୍ମୃତି ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସଙ୍ଗୀତ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଭାନୁପ୍ରିୟା ବାଗ, ଖୁସି ଚିନ୍ଦ୍ରା ଓ ବରିଷ୍ଠ ବିଭାଗରେ ରାସେଶ୍ୱରୀ ବେହେରା, ଲିନୁସ୍ମିତା ସାହୁ, ରାକ୍ଷୀ ମହାନନ୍ଦ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ନନ୍ଦିତା ସେଠ, ନନ୍ଦିନୀ ସାହୁ, ଆକାଂକ୍ଷା ପଟେଲ ଏବଂ ବରିଷ୍ଠ ବିଭାଗରେ ପ୍ରାଚୀସ୍ମିତା ଭୁଏ, ନନ୍ଦିନୀ ମେହେର, ପ୍ରତୀକ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ପାଇଥିଲେ। ପ୍ରକାଶ ମହାନନ୍ଦ ଓ ବଶିଷ୍ଠ ବନ୍ଧୁକୀଙ୍କ ନିର୍ଦ୍ଦେଶନାରେ କନିଷ୍ଠ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ହିଁ ସମ୍ପଦ ପରିବେଷିତ ହୋଇଥିଲା। ସେହିପରି ଲିଟିଲ ଆଞ୍ଜେଲ୍‌ସ ପବ୍ଲିକ ସ୍କୁଲ, ଡୁଙ୍ଗୁରିପାଲିଠାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ବରିଷ୍ଠ ଚକ୍ଷୁରୋଗ ବିଶେଷଜ୍ଞ ଡା. ଶ୍ରୀଧର ବିଶ୍ୱାଳଙ୍କୁ ଡ଼ା. ଧୀରେନ୍ଦ୍ର ନାଥ ମୁଣ୍ଡ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

# ବରଗଡ଼ରେ ଆର୍ଯ୍ୟ ସମାଜ ପ୍ରତିଷ୍ଠା ଦିବସ

**ବରଗଡ଼ ଅଫିସ, ୨୩।୩**

ବରଗଡ଼ ପୌର ପରିଷଦ ଅଧୀନ ନିଗମାନନ୍ଦ ବିହାରଠାରେ ସନ୍ତୋଷ ପଣ୍ଡାଙ୍କ ଅଧକ୍ଷତାରେ ଭାରତୀୟ ନବବର୍ଷ ଓ ଆର୍ଯ୍ୟ ସମାଜର ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ନବୀନ ସାବତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସଂସ୍କୃତି ସୁରକ୍ଷାରେ ଆର୍ଯ୍ୟ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଜଣେ ସମାଜ ସଂସ୍କାରକ ଥିଲେ ବୋଲି ଅଭିହିତ କରିଥିଲେ। ଦୈତାରି ସାହୁ, ଆକା ସେଠି, ଅର୍ଜୁନ ସେଟ, ବାଙ୍କା ବିହାରୀ ସାହୁ, ଚନ୍ଦ୍ରଶେଖର କମ୍ପ, ମୃତ୍ୟୁଞ୍ଜୟ ମିଶ୍ର, ପ୍ରଦୀପ ସାହୁ, ବୃନ୍ଦାବନ ବାରିକ, ସୁରେଶ ବାରିକ,




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

କୁଞ୍ଜ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାରତୀୟ ନବବର୍ଷ ପାଳନର ମହତ୍ତ୍ୱ ଓ ଆର୍ଯ୍ୟ ସମାଜର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସତ୍ୟବାନ ସାହୁ, ଚନ୍ଦ୍ରମଣି ଦାଶ, ଉତ୍ତମ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ପଣ୍ଡିତ ଗୋପବନ୍ଧୁ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ନିଲେଇପାଲିରେ ନାମଯଜ୍ଞ ଆରମ୍ଭ

**ଜାମଟିକ୍ରା, ୨୩।୩(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ନିଲେଇପାଲିରେ ୪୦ପ୍ରହର ନାମଯଜ୍ଞ ଗୁରୁବାର ଆରମ୍ଭ ହୋଇଛି। ଏହି ଅବସରରେ ଶ୍ରଦ୍ଧାଳୁ ଭକ୍ତମାନେ ଗାଁ ପୋଖରୀରୁ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ବ୍ରହ୍ମାବରଣ ହୋଇଥିଲା। ପଣ୍ଡିତ ପ୍ରହଲ୍ଲାଦ ଶତପଥୀ ଓ ବିମଳ ପଣ୍ଡା ପୂଜାର୍ଚ୍ଚନା କରୁଥିବାବେଳେ ଚିତ୍ତରଞ୍ଜନ ଶତପଥି ଓ ରିତା ଶତପଥି କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଆସନ୍ତା ୨୮ତାରିଖରେ ପୂର୍ଣ୍ଣାହୁତି ହେବ। ପ୍ରଥମ ଦିବସରେ ଆଖପାଖର ସଂକୀର୍ତ୍ତନ ଦଳ ଯୋଗଦେଇ ନାମଜପ କରିଥିଲେ।

# ଦୁର୍ଘଟଣା ପରେ ୭ ଘଣ୍ଟା ରାସ୍ତା ଅବରୋଧ

**ସୋହେଲା, ୨୩।୩(ଡି.ଏନ.ଏ.)**

ସୋହେଲା-ବରଗଡ଼ ଜାତୀୟ ରାଜପଥର ଗର୍ଭଣାଠାରେ ଗୁରୁବାର ସକାଳ ୯ଟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ଗର୍ଭଣା ଗାଁର ଦୁଇ ଭାଇ ତନ୍ମୟ ପଧାନ ଓ ମନୋଜ ପଧାନଙ୍କ ସମେତ ତରାକନା ଗାଁର ଅନ୍ୟ ଦୁଇ ଜଣ ଯୁବକ ଆହତ ହୋଇଥିଲେ। ଆହତମାନଙ୍କୁ ଗ୍ରାମବାସୀ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହାପରେ ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତା ଅବରୋଧ କରି ବିଭିନ୍ନ ଦାବି ରଖିଥିଲେ। ଅପରାହ୍ନ ୪ଟାରେ ପଦ୍ମପୁର ଉପଜିଲାପାଳ ସୁଧାକର କୁମ୍ଭାରଙ୍କ ସମେତ ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକା ସଂସ୍ଥା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ୟା ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।



ଉତ୍ତ୍ୟକ୍ତ ଲୋକମାନେ ସୋହେଲା-ବରଗଡ଼ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

# ଅତାବିରା ଏନ୍‌ଏସି ଦେଖିବ ପ୍ରତ୍ୟକ୍ଷ ଅଧକ୍ଷ ନିର୍ବାଚନ

**ସରଣ୍ଡା, ୨୩।୩(ଡି.ଏନ.ଏ.)**

ଆସନ୍ତା ଏପ୍ରିଲ ୩ତାରିଖରେ ଅତାବିରା ଏନ୍‌ଏସି ପାଇଁ ନିର୍ବାଚନ ପାଇଁ ମତଦାନ ହେବ। ପୂର୍ବରୁ ନିର୍ବାଚିତ କାଉନସିଲରମାନେ ଅଧକ୍ଷ ବାଛୁଥିଲେ। କିନ୍ତୁ ଚଳିତବର୍ଷ ଅତାବିରା ସହରବାସୀ ପ୍ରଥମ କରି ଅଧକ୍ଷ ପଦବୀ ପାଇଁ ପ୍ରତ୍ୟକ୍ଷ ନିର୍ବାଚନରେ ଅଂଶଗ୍ରହଣ କରିବେ।

୨୦୧୩ରେ ଅତାବିରା ଏନ୍‌ଏସି ୧୨ଟି ୱାର୍ଡକୁ ନେଇ ଗଠିତ ହୋଇଥିଲା। ପ୍ରଥମ ନିର୍ବାଚନରେ କଂଗ୍ରେସ ଓ ବିଜେଡି ୬ଟି ଲେଖାଏ କାଉନସିଲର ପଦବୀ ହାତେଇଥିଲେ। ସେ ସମୟରେ ବିଜେଡି ହାତରେ ସଂରକ୍ଷିତ ନଗରପାଳ ପଦବୀ ସକାଶେ ନିର୍ବାଚିତ କାଉନସିଲର ନ ଥିବାରୁ କଂଗ୍ରେସ ଏହି ଆସନରେ ସୁନିତା ବାଗଙ୍କୁ ବସାଇଥିଲା। ତେବେ ୨୦୧୮ ଦ୍ୱିତୀୟ ନିର୍ବାଚନରେ ବିଜେଡି ସମସ୍ତ ୧୨ଟି ଆସନ ଅକ୍ତିଆର କରି ଦୀପାଞ୍ଜଳି ଭୋରାସାଗରଙ୍କୁ ନଗରପାଳ ପଦବୀରେ ବସାଇଥିଲା। ଭାଜପା ଗତ ଦୁଇଟି ଯାକ ନିର୍ବାଚନରେ ଖାତା ଖୋଲି ପାରି ନ ଥିଲା। ତେବେ ଚଳିତବର୍ଷ ନଗରପାଳ ପଦବୀ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେଉଥିବାରୁ ସବୁ ଦଳର ନେତୃବୃନ୍ଦ ଏହି ଆସନ ଉପରେ



ଅତାବିରା ଏନ୍‌ଏସି ଅଞ୍ଚଳରେ ବିଜେଡି ନେତାମାନେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

ଫୋକସ କରୁଛନ୍ତି। ୨୦୨୩ରେ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ନଗରପାଳ ସହ ସମସ୍ତ ୧୨ଟି ଯାକ ୱାର୍ଡରେ ନିଜ ନିଜର କାଉନସିଲର ପ୍ରାର୍ଥୀ ଛିଡା କରାଇଛନ୍ତି । ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସମର୍ଥନରେ ଜଣେ ନଗରପାଳ ଓ ୩ ଜଣ କାଉନସିଲର ପ୍ରାର୍ଥୀ ସ୍ୱାଧୀନ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଫଳରେ ମୋଟ୍ ୪ ନଗରପାଳ ଓ ୩୯ କାଉନସିଲର ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ଗତ ୨୦ ତାରିଖରେ ଚୂଡାନ୍ତ ତାଲିକା ସହ ନିର୍ବାଚନୀ ଚିହ୍ନ ମିଳିବା ପରେ ପ୍ରାର୍ଥୀମାନେ ନିଜ ନିଜ କ୍ଷେତ୍ରରେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ସେମାନେ ଭୋଟରଙ୍କ ପାଖକୁ ଯାଇ ଭୋଟ୍ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ନାମାଙ୍କନ ଦାଖଲ ଦିନ ସବୁ ଦଳର ତୁଙ୍ଗ ନେତାମାନେ ପ୍ରାର୍ଥୀମାନଙ୍କ ପାଇଁ ରୋଡ୍ ଶୋ କରିଥିଲେ ମଧ୍ୟ ହେବିୱେଟ୍ ନେତା ପ୍ରଚାର ପାଇଁ ଗୋଡ଼ କାଢିନାହାନ୍ତି। ପ୍ରାର୍ଥୀମାନେ କେବଳ ସ୍ଥାନୀୟ ନେତାଙ୍କ ସହ ଘର ଘର ବୁଲି ଭୋଟରଙ୍କୁ ମନାଇବା ପାଇଁ ଉଦ୍ୟମ କରୁଛନ୍ତି ଏବଂ ଲୋକଙ୍କୁ ସୁହାଇଲା ଭଳି ପ୍ରତିଶ୍ରୁତିର ପାହାଡ଼ ଛିଡା କରୁଛନ୍ତି।

## ସମବାୟ ବ୍ୟାଙ୍କିଂ ସେବା, ଋଣ କର୍ମଶାଳା

ଖଡ଼ିଆଳ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବରଗାଁ ପ୍ରାଥମିକ କୃଷିସମବାୟ ସମିତି ପକ୍ଷରୁ ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଂ ସେବା ରଥ ଓ ଋଣ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗାଁ ସମବାୟ ସମିତି ସଭାପତି ସତ୍ୟପ୍ରିୟ ମୁଣ୍ଡ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମବାୟ କୃଷି ସଚେତନତା ରଥ ବରଗାଁ ଗ୍ରାମପଞ୍ଚାୟତ ସମେତ ସାନମହେଶ୍ୱର ଓ ଖୁଦପେଜ ଗ୍ରାମପାୟତ ସମସ୍ତ ଗ୍ରାମ ପରିକ୍ରମା କରି କମ ସୁଧରେ ଚାଷୀମାନଙ୍କୁ ଋଣ ଯୋଗାଇବ ଉପରେ ସଚେତନ କରିବ ବୋଲି ସଭାପତି ମୁଣ୍ଡ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ସମିତି କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ବାଇକ୍ ଚୋରି ମାମଲାରେ ୨ କୋର୍ଟ ଚାଲାଣ

**ଜୁନାଗଡ଼,୨୩।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ଼ ପୋଲିସ ବାଇକ୍ ଚୋରି ମାମଲାରେ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ମୁଜିବୁର ରେହେମାନ ଓ ଅନ୍ୟ ଜଣେ ଜୁନାଗଡ଼ ଥାନା ରାଜପୁର ଗ୍ରାମର ସାନୁର୍ଯ୍ୟ ରଣା। ବୁଧବାର ଜୁନାଗଡ଼ ସହରର ନୂଆସଷ୍ଟାଣ୍ଡ ନିକଟରେ ଦୋକାନ ଦେଇଥିବା ଶ୍ରୀକାନ୍ତ ଶର୍ମା ନାମକ ଜଣେ ଦୋକାନୀଙ୍କ ବାଇକ୍ କେହି ଚୋରି କରିନେଇଥିଲେ। ଏହାକୁ ନେଇ ଶ୍ରୀକାନ୍ତ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜୁନାଗଡ଼ ପୋଲିସ ଏକ ମାମଲା (ନଂ. ୧୧୬/୨୩) ରୁଜୁ କରି ଘଟଣାର ତଦନ୍ତ କରିଥିଲା।

## ଶିଶୁଙ୍କୁ ସହାୟତା କଲେ ଉପାଧ୍ୟକ୍ଷ, ସରପଞ୍ଚ



**ଖଡ଼ିଆଳ,୨୩।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମ ପଞ୍ଚାୟତର ଝୋଲପଥର ଗ୍ରାମରେ ଜଣେ ତିନି ମାସର ଶିଶୁକନ୍ୟାକୁ ଛାଡି ବାପା ମା' ଫେରାର ହେବା ଘଟଣା ଚର୍ଚ୍ଚା ସୃଷ୍ଟି କରିଥିବା ବେଳେ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଗୁରୁବାର ପରିବାରକୁ ଭେଟି ମାସକର ରାଶନ ସାମଗ୍ରୀ ସହ ଶିଶୁକନ୍ୟା ପାଇଁ ପୋଷାକ, ଅମୁଲ, ବିସ୍କୁଟ, ମଶାରୀ, ଶିଶୁ ବିଛଣା ଆଦି ଯୋଗାଇ ଦେଇଥିଲେ। ସେହିପରି ସାନମହେଶ୍ୱର ସରପଞ୍ଚ ଆହ୍ଲାଦିନୀ ବେହେରା ମଧ୍ୟ ପରିବାରକୁ ଗୋଟିଏ ମାସିକ ରାଶନ ସାମଗ୍ରୀ ସହ ଶିଶୁକନ୍ୟା ପାଇଁ ଆବଶ୍ୟକୀୟ ଜିନିଷ ପ୍ରଦାନ କରିଥିଲେ। ଝିଅକୁ ପାଞ୍ଚବର୍ଷ ହେବା ପର୍ଯ୍ୟନ୍ତ ସବୁପ୍ରକାର ସହଯୋଗ କରାଯିବ ବୋଲି ଉଭୟ ବ୍ଲକ ଉପାଧ୍ୟକ୍ଷ ଓ ସରପଞ୍ଚ କହିଛନ୍ତି।

## କଲୋନିପଡ଼ାରେ ସ୍ୱଚ୍ଛ ଭାରତ ଅଭିଯାନ

**ନୂଆପଡ଼ା ଅଫିସ,୨୩।୩:** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ କଲୋନିପଡାଠାରେ ନେହେରୁ ଯୁବ କେନ୍ଦ୍ର ନୂଆପଡାଙ୍କ ସହାୟତାରେ ରାଇଜିଂ ଷ୍ଟାର ଯୁଥ କ୍ଲବ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁଥ କ୍ଲବ ସଭାପତି ଉମାକାନ୍ତ ବନଛୋରଙ୍କ ନେତୃତ୍ୱରେ ଅନୁଷ୍ଠାନର ସମସ୍ତ ଯୁବକମାନେ ଏକତ୍ରିତ ହୋଇ କଲୋନିପଡା ପ୍ରାଥମିକ ବିଦ୍ୟାଳୟ, ନଳକୂଅ, ଯଜ୍ଞବେଦୀ ପରିସର ଓ ଗ୍ରାମ ରାସ୍ତା ସବୁ ସଫା କରିଥିଲେ। ବିଦ୍ୟାଳୟ ପରିସର ସବୁ ବେଳେ ସ୍ୱଚ୍ଛ ଓ ସୁନ୍ଦର ରହିବା। ମଇଳାଗୁଡିକ ଏଣେତେଣେ ନ ଫିଙ୍ଗି କୁଣ୍ଡରେ ଫିଙ୍ଗିବା ପାଇଁ ଏକ କୁଣ୍ଡ ପ୍ରଦାନ କରାଯାଇଛି। ସମ୍ପାଦକ ଲାଲମନ ବନଛୋର, ହିମାଂଶୁ ମହାରଥୀ, ଉମେଶ ଅଦା, ଭକ୍ତ ବେମାଲ, ଅମିତ ବାରିକ, ସମୀର ବିଶି, ଭିକି ମହାରଥୀ, ଜେମନ୍ତ ମାଝି, ବୁଲୁ ପ୍ରଧାନୀଙ୍କ ସମେତ ସ୍କୁଲ ଛାତ୍ରୀଛାତ୍ରମାନେ ମଧ୍ୟ ସାମିଲ ହୋଇଥିଲେ।

## ରାତ୍ରି କାଳୀନ କ୍ରିକେଟ: ଫାଇନାଲରେ କୁଶୁର୍ଲା

**କର୍ଲାମୁଣ୍ଡା,୨୩।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡାବସ୍ତି ନିକଟସ୍ଥ ଏକ ପଡିଆରେ ନାରାୟଣ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରଥମ ବାର୍ଷିକ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ରାତିରେ ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ଜିଲାର ୮ଟି ଦଳ ଭାଗ ନେଇଥିଲେ। ସେମିଫାଇନାଲ ମ୍ୟାଚ କୁସୁର୍ଲା ବନାମ ବଲାଙ୍ଗୀର ଜିଲା ଦେଓଗାଁ ସହିତ ହୋଇଥିଲା। ଏଥିରେ କୁଶୁର୍ଲା ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ପଶ୍ଚିମ ଓଡ଼ିଆ ବିକାଶ ପରିଷଦ ସଦସ୍ୟ ଅଭିନାଶ ଠାକୁର, ରିଷିଡା ସମିତି ସଭ୍ୟ ନିମାଇଁ ଚରଣ ବେହେରା, ଜିଲା ଯୁବ ବିଜେଡି ସମ୍ପାଦକ ନନ୍ଦି କିଶୋର ଭୋଇ ପ୍ରମୁଖ ଯୋଗଦେଇ ଖେଳାଳଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନ ସଭାପତି ବିଭୁତି ଭୋଇ, ସମ୍ପାଦକ ସୁଶାନ୍ତ ପଟେଲ, ରେଫରୀ ହୀରାମଣି ଭୋଇ, ଭାରତ ଷଡ଼ଙ୍ଗୀ, ମଧୁ ଦାସ, ବିଜୟ ପଟେଲ, ସ୍କୋର ଦାୟିତ୍ୱ ଲିପୁ ସାହୁ, ଧାରବିବରଣୀ ଆକାଶ ସାହୁ, ହେମନ୍ତ ପଟେଲଙ୍କ ସମେତ ମା' ସନ୍ତୋଷୀ ଟେଣ୍ଟ ହାଉସ କର୍ଲାମୁଣ୍ଡା ଲାଇଟ, ସାଉଣ୍ଡ ବ୍ୟବସ୍ଥାରେ ସହଯୋଗ କରିଥିଲେ।

# ୩ ମାସର ପିଡିଏସ୍ ଚାଉଳ ହଡ଼ପ

### ମାଲିଯୁବାଙ୍ଗ ପଞ୍ଚାୟତ

■ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଲାଞ୍ଜିଗଡ଼,୨୩।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମଳିଜୁବାଙ୍ଗ ପଞ୍ଚାୟତରେ ୩ ମାସର ୭୨ କୁଇଣ୍ଟାଲ ପିଡିଏସ ଚାଉଳ ହଡ଼ପ କରିଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଜିଲାପାଳ ଏହାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ହିତାଧିକାରୀମାନେ ଦାବି କରିଛନ୍ତି। ସୂଚନା ମୁତାବକ ଲାଞ୍ଜିଗଡ ବ୍ଲକ ଅଧୀନ ମାଲିଯୁବାଙ୍ଗ ପଞ୍ଚାୟତ ୧୬ଟି ଗ୍ରାମର ୬୭୨ ହିତାଧିକାରୀଙ୍କୁ ପ୍ରତି ମାସରେ ୧୫୩ କୁଇଣ୍ଟାଲ ପିଡିଏସ ଚାଉଳ ପଞ୍ଚାୟତ ପକ୍ଷରୁ ବଣ୍ଟନ କରାଯାଉଛି। ଏଥିରେ ପିଏଚଏଚ, ଏସଏଫଏସଏସ ଓ ଅନ୍ତୋଦୟ ରହିଛନ୍ତି। ପିଏଚଏଚ, ଏସଏଫଏସଏସ କାର୍ଡରେ ୫୨୦ଜଣ ହିତାଧିକାରୀଙ୍କୁ ଜଣ ପିଛା ୫ କେଜି ହିସାବରେ ପ୍ରତି ମାସରେ ୧୦୦ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯାଉଛି। ସେହିପରି ଅନ୍ତୋଦୟ କାର୍ଡରେ ୧୫୨ଜଣ ହିତାଧିକାରୀଙ୍କ ପାଇଁ ପ୍ରତି ମାସରେ କାର୍ଡ ପିଛା ୩୫ କେଜି ହିସାବରେ ୫୩ କୁଇଣ୍ଟାଲ ଚାଉଳ ପଞ୍ଚାୟତକୁ ଯୋଗାଇ ଦିଆଯାଉଛି। ହେଲେ ଆଜକୁ ୩ ମାସ ହେଲା ଜାନୁୟାରୀ, ଫେବୃୟାରୀ ଓ ମାର୍ଚ୍ଚର ୧୫୯ କୁଇଣ୍ଟାଲ ପିଡିଏସ ଚାଉଳ ଦେବା ବଦଳରେ ୧୫୨ଜଣ ଅନ୍ତୋଦୟ କାର୍ଡ ହିତାଧିକାରୀଙ୍କୁ ଜଣ ପିଛା ୫ କେଜି ହିସାବରେ ପ୍ରତି ମାସରେ ୨୯ କୁଇଣ୍ଟାଲ ଦିଆଯାଇଥିବା ବେଳେ ତିନି ମାସରେ ମାତ୍ର ୮୭ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯାଇଛି। ପ୍ରତି ମାସର ୨୪ କୁଇଣ୍ଟାଲ ହିସାବରେ ୩ ମାସର ୭୨ କୁଇଣ୍ଟାଲ ଚାଉଳ ଆତ୍ମସାତ କରାଯାଇଛି ବୋଲି ଅନ୍ତୋଦୟ କାର୍ଡ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ପଞ୍ଚାୟତର ବେଙ୍ଗଭଟା ଗ୍ରାମର ଅନ୍ତୋଦୟ ହିତାଧିକାରୀ ପଦ୍ମିନୀ ନରିଆଙ୍କୁ ୩ ମାସର ୭୫ କେଜି ଚାଉଳ ମିଳିଛି। ତାଙ୍କ ୩୦ କେଜି ଚାଉଳ ଦିଆଯାଇନାହିଁ। ସେହିପରି ଉକ୍ତ ଗ୍ରାମର ଲକ୍ଷ୍ମଣ ମାଝିଙ୍କୁ ତିନି ମାସର ୬୦ କେଜି ଚାଉଳ ମିଳିଛି, ତାଙ୍କୁ ମଧ ୪୫ କେଜି ଚାଉଳ ଦିଆଯାଇ ନାହିଁ। ମାଲିଯୁବାଙ୍ଗ ଗ୍ରାମର ସୁଲଚନା ବେହେରାଙ୍କୁ ମଧ୍ୟ ୩ ମାସର ୬୦ କିଲୋ ଚାଉଳ ମିଳିଛି ତାଙ୍କର ୪୫ କେଜି ଚାଉଳ ଦିଆଯାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ୧୬ଟି ଗ୍ରାମର ୧୫୨ଜଣ ଗରିବ ଅନ୍ତୋଦୟ କାର୍ଡ ହିତାଧିକାରୀଙ୍କ ପିଡିଏସ ଚାଉଳ ଆତ୍ମସାତ କରିଥିବା ଅଭିଯୋଗ ହେଉଛି। ୨୦୨୩ ଜାନୁୟାରୀ ପୂର୍ବରୁ ପଞ୍ଚାୟତରେ ଗୋଟିଏ ଅନ୍ତୋଦୟ କାର୍ଡରେ ୩୫ କେଜି ଚାଉଳ ଦିଆଯାଉଥିଲା। ବର୍ତ୍ତମାନ ଆମକୁ ଜାନୁୟାରୀଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ କାର୍ଡ ପିଛା ୩୫ କେଜି ଚାଉଳ କାହିଁକି ଦିଆଯାଉନାହିଁ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି। ନୂତନ ଭାବେ ପିଇଓ ପ୍ୟାରିଲାଲ ମାଝି ମାଲିଯୁବାଙ୍ଗ ପଞ୍ଚାୟତରେ ଯୋଗଦେବା ପରେ ପଞ୍ଚାୟତ ପିଡିଏସ ଚାଉଳ ବାଣ୍ଟିବା ଦାୟିତ୍ୱ ମାଲିଯୁବାଙ୍ଗ ଗାଁର ଜଣେ ଯୁବକଙ୍କୁ ଦେଇଛନ୍ତି। ଏ ନେଇ ବ୍ଲକ ଯୋଗାଣ ଅଧିକାରୀ ହରିହର ସାହୁଙ୍କୁ ପଚାରିବାରୁ ଅନ୍ତୋଦୟ କାର୍ଡ ପିଛା ୩୫ କେଜି ଚାଉଳ ଦେବା କଥା, କ'ଣ ପାଇଁ ଦିଆଯାଇନାହିଁ ମୁଁ ତଦନ୍ତ କରିବି ବୋଲି ପ୍ରକାଶ କରିଥିଲେ।



ମାଲିଯୁବାଙ୍ଗ ପଞ୍ଚାୟତ।

# ଆଦିବାସୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସହଶିକ୍ଷୟିତ୍ରୀଙ୍କ ଦୁର୍ବ୍ୟବହାର

### ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ

**କେସିଙ୍ଗା,୨୩।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ବୋରିଙ୍ଗପଦର କସ୍ତୁରିବା ଗାନ୍ଧି ଆବାସିକ ବାଳିକା ବିଦ୍ୟାଳୟ ଆଦିବାସୀ ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ମାଝିଙ୍କୁ ସହ ଶିକ୍ଷୟିତ୍ରୀ ଜିତାଞ୍ଜଳି ପରିଡା ଅଶ୍ଳୀଳ ଭାଷାରେ ଗାଳିଗୋଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ପ୍ରଧାନ ଶିକ୍ଷୟିତ୍ରୀ ମାଝି ଅଭିଯୋଗ କରିଥିବା ଜଣାପଡ଼ିଛି। ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ନୀତିକୁ ଅନୁସରଣ କରି ସ୍କୁଲ ସଫେଇ କାର୍ଯ୍ୟ ସୁଚାରୁରୂପେ ତୁଲାଇବା ପାଇଁ ଶିକ୍ଷୟିତ୍ରୀଙ୍କୁ ବାର ଅନୁସାରେ ପାଳି କରାଯାଇଛି। ଗତ ବୁଧବାର ଶିକ୍ଷୟିତ୍ରୀ ଜିତାଞ୍ଜଳିଙ୍କ ସଫେଇ ପାଳି ଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଜିତାଞ୍ଜଳିଙ୍କୁ ସ୍କୁଲ ସଫେଇ କରିବାକୁ କହିଥିଲେ। ସିଧାସଳଖ ମନା କରିବା ସହିତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୋଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଛାତ୍ରୀମାନଙ୍କୁ ମଧ୍ୟ ଅସଭ୍ୟ ଭାଷା ଗାଳି ଦେବା ସହ ମାଡ଼ ମାରିଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ମାଝିଙ୍କୁ ପଚାରିବାରୁ ମୋତେ ସହ ଶିକ୍ଷୟିତ୍ରୀ ଜିତାଞ୍ଜଳି ପରିଡା ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳି ଦେବା ସହ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ଅବହେଳା କରିବା ସହ ପ୍ରତ୍ୟେକ ଦିନ ଛାତ୍ରୀମାନଙ୍କୁ ଗାଳି ଦେବା ସହ ଡଷ୍ଟରରେ ମାଡ଼ ମାରୁଥିବା ଜଣେ ଶିକ୍ଷୟିତ୍ରୀଙ୍କ କାମ କି ବୋଲି କହିଛନ୍ତି। ଏହାର ଉଚିତ ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସେ ଦାବି କରିଛନ୍ତି। ଶିକ୍ଷୟିତ୍ରୀ ଜିତାଞ୍ଜଳି ପରିଡାଙ୍କୁ ପଚାରିବାରୁ ମୁଁ ପ୍ରଧାନ ଶିକ୍ଷୟିତ୍ରଙ୍କୁ କିଛି କହିନାହିଁ। ପିଲାଙ୍କୁ ମଧ୍ୟ ଗାଳି କରିନାହିଁ, ଏସବୁ ମିଛ ବୋଲି କହିଛନ୍ତି। ଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଷଷ୍ଠୀ ଝାଙ୍କରଙ୍କୁ ପଚାରିବାରୁ ମୁ ଉଭୟଙ୍କୁ ବୁଝାଇଥିଲି। ପରେ ସେମାନେ ଝାମେଲା କରୁଛନ୍ତି, ତେବେ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବି ବୋଲି ପ୍ରକାଶ କରିଥିଲେ।

# ତାମିଲନାଡୁରେ ପୁଣି ଜଣେ ଶ୍ରମିକଙ୍କ ମୃତ୍ୟୁ

■ ଅର୍ଥାଭାବରୁ ଗାଁକୁ ଆସିପାରିଲାନି ମୃତଦେହ

■ କଳାହାଣ୍ଡିରେ ସରୁନି ଦାଦନ ଦୁଃଖ

**ଭବାନୀପାଟଣା,୨୩।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଥୁମୁନି ଦାଦନ ସମସ୍ୟା। ଜିଲାର କଲମପୁର, ଧର୍ମଗଡ଼, କୋକସରା ପରେ ଏବେ ଜୁନାଗଡ଼ ବ୍ଲକରେ ମଧ୍ୟ ଏପରି ଏକ ଦୁଃଖ ଘଟଣା ସାମ୍ନାକୁ ଆସିଛି। ଏହି ବ୍ଲକର ମାଲିଗୁଡା ପଞ୍ଚାୟତ ବରଗାଁ ଗ୍ରାମର ସୁଦାମ ବିଶାଳ ନାମକ ଜଣେ ଯୁବକ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇ ସେଠାରେ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଗତକିଛି ଦିନ ତଳେ ସୁଦାମ ବିଶାଳ ପରିବାର ପ୍ରତି ପୋଷଣ ପାଇଁ ଶ୍ରମିକ ଭାବେ କାମ କରିବା ପାଇଁ ତାମିଲନାଡୁର ତ୍ରିପୁରା ଜିଲାକୁ ଯାଇଥିଲେ। ସେଠାରେ ସେ ଏକ ପାୱାର ପ୍ଲାଣ୍ଟ କାମ କରୁଥିଲେ। ଗତ ଶନିବାର ରାତିରେ ସୁଦାମଙ୍କୁ ଜର ହେବାରୁ ଚିକିତ୍ସା ପାଇଁ ଏକ କ୍ଲିନିକଙ୍କୁ ସହଯୋଗୀମାନଙ୍କ ସହ ଯାଉଛି ବୋଲି ପରିବାର ଲୋକଙ୍କୁ ଫୋନ କରିରେ କହିଥିଲେ। ସେଠାରୁ ନିଜ ବସାକୁ ଫେରୁଥିବା ବେଳେ ରାସ୍ତାରେ ପଡ଼ି ଯାଇଥିଲେ। ତାଙ୍କ ମୁଣ୍ଡରେ ଆହତ ହେବାରୁ ସହଯୋଗୀମାନେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଅନ୍ୟପଟେ ଖବର ପାଇ ସମ୍ପର୍କୀୟମାନେ ସୋମବାର ତାମିଲନାଡୁ ଯାଇଥିଲେ। ସେଠାରେ ସମ୍ପର୍କୀୟ ପହଞ୍ଚିବା ପୂର୍ବରୁ ସୁଦାମ ଆଖି ବୁଜି ସାରିଥିଲେ। ମୃତ ସୁଦାମଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାବେଳେ ମୃତଦେହ ଗାଁକୁ ଆଣିବା ସକ୍ଷମ ନ ହେବାରୁ ସେଠାରେ ଶବ ସତ୍କାର କରାଯାଇଥିଲା। ସୁଦାମଙ୍କ ମୃତ୍ୟୁ ସନ୍ଦେହ ଜନକ ହୋଇଥିବାବେଳେ ଏହାର ବିଧିବଦ୍ଧ ତଦନ୍ତ କଲେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି କୁହାଯାଉଛ। ଏଥିପ୍ରତି ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



ମୃତ ଦାଦନ ଶ୍ରମିକ ସୁଦାମ।

# ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

### ବାର୍ଷିକ ମୁଖପତ୍ର 'ମୂର୍ଚ୍ଛନା' ଉନ୍ମୋଚିତ

**ଭବାନୀପାଟଣା,୨୩।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ, ସରକାରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ମହିଳା ବୃତ୍ତିମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ୩୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ. ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପଦ୍ମାୟତ ସାହୁ, ମୁଖ୍ୟବକ୍ତା କେସିଙ୍ଗା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ କଣ୍ଠଶିଳ୍ପୀ ସର୍ବେଶ୍ୱର ଭୋଇ ଯୋଗଦାନ କରିଥିଲେ। ଛାତ୍ରୀ ସଂସଦ ଉପଦେଷ୍ଟା ଡ. ରଜନୀକାନ୍ତ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟ ସଂସଦ ଉପସଭାପତି ପ୍ରଫେସର ରାଜକିଶୋର ପଣ୍ଡିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ପର୍ବରେ ପ୍ରଫେସର ଧୀରେଶ ଚନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ ବାର୍ଷିକ ମୁଖପତ୍ର 'ମୂର୍ଚ୍ଛନା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମ କ୍ରୀଡ଼ା ସଂସଦ ଉପସଭାପତି ପ୍ରଫେସର ହେମନ୍ତ ମାଝି ପରିଚାଳନା କରିଥିଲେ। ଅଧ୍ୟାପିକା ନଳିନୀ ବାଗ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀ ଲିପ୍ସା ମହାରଣା ସଙ୍ଗୀତ ପରିବେଷଣ କରିଥିଲେ। କଲେଜ୍ର ଅଧ୍ୟାପକ, ଅଧ୍ୟାପିକା, ସ୍ୱେଚ୍ଛାସେବୀ ଓ ଛାତ୍ରୀମାନେ ସହଯୋଗ କରିଥିଲେ।

# ତମାଖୁମୁକ୍ତ ପଞ୍ଚାୟତ ଗଠନ ଉପରେ ତାଲିମ ଶିବିର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଖଡ଼ିଆଳ,୨୩।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ସଭାଗୃହଠାରେ ଗୁରୁବାର ତମାଖୁ ମୁକ୍ତ ଗ୍ରାମପଞ୍ଚାୟତ ଗଠନ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କ୍ଷଣପ୍ରଭା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିପିଇଓ ସୁକ୍ରୁ ରାଠୋର ଯୋଗଦେଇ ସଚେତନତା ହିଁ ଏହାକୁ ନିୟନ୍ତ୍ରଣ କରିପାରିବ ବୋଲି କହିଥିଲେ। ଖଡ଼ିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଲିମଦାତା ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ମ୍ୟାନେଜର ଶରତ ଚନ୍ଦ୍ର ନାଏକ ଓ ଉପଖଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାଉନସିଲର ପୁଷ୍ପାଞ୍ଜଳି ଠାକୁର ଯୋଗଦେଇ ତମାଖୁ ସେବନ କିପରି ବିଭିନ୍ନ ରୋଗ ସୃଷ୍ଟି କରୁଛି ଓ ପରିବାରର ଆର୍ଥିକ ଅବସ୍ଥାକୁ ପ୍ରଭାବିତ କରୁଛି ସେନେଇ ଆଲୋଚନା କରିଥିଲେ। ବିଶେଷ କରି ତମାଖୁ ବ୍ୟବହାର ପାଇଁ ଥିବା ବିଭିନ୍ନ ଦଣ୍ଡବିଧାନ ଉପରେ ଉଲ୍ଲେଖ କରାଯାଇଥିଲା। ଏହି ଅଧିନିୟମ ଅନୁଯାୟୀ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ସିଗାରେଟ ବା ଯେକୌଣସି ତମାଖୁ ଦ୍ରବ୍ୟ ସର୍ବସାଧାରଣ ସ୍ଥାନରେ, ବିଶେଷ କରି ଶିକ୍ଷାନୁଷ୍ଠାନ ନିକଟରେ ବିକ୍ରି, ପ୍ରଚାର ବା ବ୍ୟବହାର କଲେ ଜେଲଦଣ୍ଡ କିମ୍ବା ଜରିମାନା ଅଥବା ଉଭୟ ଦଣ୍ଡରେ ଦଣ୍ଡିତ ହେବାର ପ୍ରାବଧାନ ରହିଥିବା ବୁଝାଇଥିଲେ। ତମାଖୁ ଖାଇବା ଉପରେ ରୋକଲଗାଇବା ପାଇଁ ପଞ୍ଚାୟତସ୍ତରରେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ୨୬ଟି ପଞ୍ଚାୟତ ସରପଞ୍ଚମାନେ ଅଂଶଗ୍ରହଣ କରି ନିଜ ପଞ୍ଚାୟତକୁ ତମାଖୁମୁକ୍ତ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ।

# ଜୁନାଗଡ଼ରେ ବାଇପାସ ରାସ୍ତା ନିର୍ମାଣ ପାଇଁ ଦାବିପତ୍ର

**ଭବାନୀପାଟଣା,୨୩।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିସ୍ଥଳେ ଜୁନାଗଡ଼ ସହରରେ ଏକ ବାଇପାସ ରାସ୍ତା ତୁରନ୍ତ ନିର୍ମାଣ ପାଇଁ ସ୍ଥାନୀୟ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଗୁରୁବାର ଏକ ଦାବିପତ୍ର ଦିଆଯାଇଛି। ଜିଲାପାଳ ଉପସ୍ଥିତ ନ ଥିବାରୁ ଅତିରିକ୍ତ ଜିଲାପାଳ ଗ୍ରହଣ କରିଥିଲେ। ଜିଲାର ଜୁନାଗଡ଼ ପୁରାତନ ଜନବହୁଳ ସହର। ଏହା ଜିଲାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ। ଏହିସହର ମଧ୍ୟ ଦେଇ ଜାତୀୟ ରାଜପଥ ୨୬ ଅତିକ୍ରମ କରିଛି। ସେହିପରି ରେଳ ପଥ ସଂଯୋଗ ହୋଇଥିବାରୁ ମାଲବାହି ଗାଡି ଚଳାଚଳ କରୁଥିବାରୁ ନବରଙ୍ଗପୁର ଅଞ୍ଚଳରୁ ମକା ଟ୍ରକଗୁଡିକ ମଧ୍ୟ ଆସିଥାଏ। ସେହିପରି କେନ୍ଦ୍ରୀୟ ପଣ୍ୟଗାର ଓ ରାଜ୍ୟ ପଣ୍ୟଗାର ଥିବାରୁ ପ୍ରତ୍ୟହ ଚାଉଳ ଟ୍ରକ ଯାତାୟାତ କରିଥାଏ। ଫଳରେ ସହର ମଧ୍ୟରେ ମାତ୍ରାଧିକ ଯାନବାହନ ଚଳାଚଳ କରି ପ୍ରାୟ ସମୟରେ ଟ୍ରାଫିକ ସମସ୍ୟା ଲାଗିରହୁଛି। ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଶୀଘ୍ର ଏଠାରେ ଏକ ବାଇପାସ ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କଠାରେ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜୁନାଗଡ଼ ନଗର କଂଗ୍ରେସ ସଭାପତି ଅମିତ ଅଗ୍ରୱାଲ, ବରିଷ୍ଠ ନେତା ପ୍ରଭାତ ଦାସ, ଚିତ୍ତରଞ୍ଜନ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ହନୁମାନ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**ସିନାପାଲି,୨୩।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବଜରଙ୍ଗ ଦଳ ପକ୍ଷରୁ ଆଗାମୀ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ନେଇ ଗୁରୁବାର ପ୍ରସ୍ତୁତି ବୈଠକ ସ୍ଥାନୀୟ ଉଦନ୍ତୀ ଯୁଥ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ପ୍ରଭାତ କୁମାର ମେହେର ସମସ୍ତଙ୍କୁ ସ୍ୱାଗତ କରିଥଲେ। ସଭାରେ ପାରମ୍ପରିକ ରୀତିରେ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଳନ ସହ ଆଗାମୀ ଦିନରେ ହିନ୍ଦୁ ସଙ୍ଗଠନକୁ ସୁଦୃଢ଼ କରିବାକୁ ସଭାରେ ବିଶଦ ଆଲୋଚନା କରାଯାଇଥିଲା। ବୈଠକରେ ସୁରଜ ମେହେର, ପ୍ରିୟ ରଞ୍ଜନ ମେହେର, ଜିତେନ୍ଦ୍ର ମେହେର, ଆଲୋକ ମେହେର, ବାଦଲ ମହାନନ୍ଦ, ଜତିନ୍ଦ୍ର ମେହେର, ହେମସାଗର ମେହେର, କାର୍ନା ତାଣ୍ଡି, ବନ ମେହେର, ସାଗର ସା, ଆକାଶ ମେହେର ପ୍ରମୁଖଙ୍କ ସହ ଉଦନ୍ତୀ ଯୁଥ କ୍ଲବ, ହନୁମାନ ଯୁଥ କ୍ଲବ, ଆଦର୍ଶ କ୍ଲବ, ମା' ଠାକୁରାଣୀ କ୍ଲବ, ମା' କର୍ମାଦେବୀ ଯୁଥ କ୍ଲବ, ମାରୱାଡି ଯୁବା ମଞ୍ଚ, ଶ୍ରୀରାମ କ୍ଲବ, ଉମଙ୍ଗ ଯୁଥ କ୍ଲବ ଯୁବ ସଦସ୍ୟ ଯୋଗଦାନ କରିଥିଲେ। ରଶ୍ମିରଞ୍ଜନ ସା ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନେଇ ସମୀକ୍ଷା

**କୋକସରା,୨୩।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ ଗୁରୁବାର କୋକସରା ବ୍ଲକ କାର୍ଯ୍ୟାଳୟ ଦଳୀୟ କର୍ମକର୍ତ୍ତାଙ୍କ ସହ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ୫-ଟି ଯୋଜନାରେ ହେଉଥିବା ବିଭିନ୍ନ ହାଇସ୍କୁଲର ରୂପାନ୍ତରିତ କାର୍ଯ୍ୟର ଅଗ୍ରଗତି, ପଞ୍ଚାୟତସ୍ତରରେ ଏମ୍‌ଜିଏନ୍‌ଆରଇଜିଏସ୍, ପଞ୍ଚଦଶ ଅର୍ଥ କମିଶନ, ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ନେଇ ବିଡିଓ ଉତ୍ତମ କୁମାର ବାଗ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ଆମପାଣି ଯୋନ ହେମନ୍ତ ମାଝିଙ୍କ ସହ ଆଲୋଚନା କରିଥିଲେ। ଜିଲା ବିଜେଡି ସଭାପତିଙ୍କ ସହ ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା, ଋତୁରାଜ ମାଝି, ସୁରେଶ ସାହୁ, ଆଶୁତୋଷ ପୁରୋହିତ, ଶିବରାମ ପାତ୍ର, ସଞ୍ଜୟ ସିଙ୍ଘଲ, ପ୍ରମୋଦ ପ୍ରଧାନୀ, ବିଶ୍ୱନାଥ ପଟ୍ଟନାୟକ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



ବ୍ଲକରେ ଅନୁଷ୍ଠିତ ସମୀକ୍ଷା ବୈଠକ।

# ଆଦର୍ଶ ଶବଦାହ ଗୃହ ନିର୍ମାଣ ପାଇଁ ମାଗଣାରେ ଜମି ପ୍ରଦାନ

### ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ବାରିହା ପରିବାର ପକ୍ଷରୁ ଦାନ

**କେସିଙ୍ଗା,୨୩।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସିକୁ ପୂର୍ବତନ ନଗପାଳିକା ଗୀତାଞ୍ଜଳି ବାରିହାଙ୍କ ପରିବାର ପକ୍ଷରୁ ମାଗଣାରେ ଶବଦାହ କେନ୍ଦ୍ର ନିର୍ମାଣ ପାଇଁ ଏନ୍‌ଏସି ଅଧ୍ୟକ୍ଷ ନୃପରାଜ ଯାଦବ ଓ ନିର୍ବାହୀ ଅଧିକାରିଣୀ କିରଣ ବେହେରା ଗୁରୁବାର ୮୫ ଡେସିମିଲ ଜମି ପ୍ରଦାନ କରିଛନ୍ତି। ଏନ୍‌ଏସି କର୍ତ୍ତୃପକ୍ଷ ଓ ନାଗରିକ ମଞ୍ଚଙ୍କ ଉଦ୍ୟମରେ ସ୍ୱର୍ଗତ ଗଙ୍ଗାରାମ ବାରିହା, ମନ୍ତ୍ରରାମ ବାରିହା, ବନବାସ ବାରିହା ଓ ସ୍ୱର୍ଗତ ସଦା ବାରିହାଙ୍କ ଉତ୍ତରାଧିକାରୀମାନେ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଆଦର୍ଶ ଶ୍ମଶାନ ଗୃହ ନିର୍ମାଣ ପାଇଁ ୮୫ ଡେସିମିଲ ଜମି ୨୦୨୨ ଡିସେମ୍ବର ୧୨ରେ କେସିଙ୍ଗା ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଦାନପତ୍ର ଦଲିଲ ରେଜିଷ୍ଟ୍ରି କରିଥିଲେ। ଗୁରୁବାର ଦାନପତ୍ର ଦଲିଲ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରାପ୍ତ ହେବା ପରେ ବାରିହାଙ୍କ ପରିବାର ଓ ନାଗରିକ ମଞ୍ଚଙ୍କ ଉପସ୍ଥିତରେ ଦାନପତ୍ର ଦଲିଲ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ। ସୂଚନା ଯେ, ସହରରେ ଅଦ୍ୟାବଧି ଶବଦାହ ଗୃହ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ନ ଥିଲା। ଏ ନେଇ ଅନେକ ସମୟରେ ବିଭିନ୍ନ ମହଲରେ ଦାବି ହେଉଥିଲା। ବହୁତ ଅପେକ୍ଷା ପରେ ଶବଦାହ ଗୃହ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନିମନ୍ତେ ପ୍ରାୟ ୭୫ ଲକ୍ଷ ଟଙ୍କା ଅନୁଦାନ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ହେଲେ ଶବଦାହ ଗୃହ ନିର୍ମାଣ ପାଇଁ ଆବଶ୍ୟକ ସରକାରୀ ଜମି ମିଳୁ ନ ଥିଲା। ନଗରପାଳ ଯାଦବ ଖୁସିବ୍ୟକ୍ତ କରିବା ସହ ସଚେତନ ନାଗରିକ ମଞ୍ଚ ତଥା ସହଯୋଗ କରିଥିବା ବଦାନ୍ୟବ୍ୟକ୍ତିଙ୍କ ପ୍ରତି ଆଭାର ବ୍ୟକ୍ତି କରିଥିଲେ। ନିର୍ବାହୀ ଅଧିକାରୀ ସୁଶ୍ରୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଶବଦାହ ଗୃହ ତଥା ଅନ୍ୟାନ୍ୟ ଆବଶ୍ୟକ ନିର୍ମାଣ କାର୍ଯ୍ୟ ଅତିଶୀଘ୍ର ଆରମ୍ଭ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମଞ୍ଚର ସାଧାରଣ ସମ୍ପାଦକ ଟିକେମନ ଦୀପ ସମ୍ୟକ ଧାରଣା ଦେଇଥିଲେ। ପୂର୍ବତନ ନଗରପାଳ ଗୀତାଞ୍ଜଳୀ ବରିହା, ଜିଲା ବିଜେଡି ମହିଳା ସାଧାରଣ ସମ୍ପାଦକ ନିକିତା ଜୈନ, ରମେଶ ପଟ୍ଟନାୟକ, ରଘୁରାଜ ସିଂହ, ଜାକିର ହୁସେନ, ଗୋବିନ୍ଦ ବଞ୍ଝୋର, ନର ନିଆଲ, ମୁରଲି ନାଇଡୁଙ୍କ ସମେତ ପୌରପରିଷଦର କାଉନସିଲର ଏବଂ ଅନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ।



ଦଲିଲ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ମାର୍ଚ୍ଚ, ୨୦୨୩



**ଶ୍ରୀରାମ ନବମୀ ପ୍ରସ୍ତୁତି ବୈଠକ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ଜିଲା କବରାପାଲିରେ ୧୯୪୮ଠାରୁ ରାମଲୀଳା ନାଟକ ଆରମ୍ଭ ହୋଇଥିଲା। ଚଳିତଥର ୭୫ ବର୍ଷ ହେବାକୁ ଥିବା ବେଳେ ଏହାକୁ ଧୁମଧାମରେ ପାଳନ କରିବା ପାଇଁ ରାମନବମୀ କମିଟି ସ୍ଥିର କରିଛି। ଆସନ୍ତା ୩୦ରେ କଳସଯାତ୍ରା ସହ ଶ୍ରୀରାମ ମହାପ୍ରଭୁ ମାତା ସୀତା ଏବଂ ଲକ୍ଷ୍ମଣଙ୍କ ସହ ମଣ୍ଡପକୁ ଆଗମନ କରିବେ। ୩୧ରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ରାମ ଲୀଳା ନାଟକ ଅନୁଷ୍ଠିତ ହେବ। ୬ରେ କୀର୍ତ୍ତନ, ୭ରେ ବାଦୀପାଲା, ୮ରେ ପାରାୟଣ, ୯ରେ ମହିଳା କୀର୍ତ୍ତନ ପରେ ମହାପ୍ରଭୁଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି। ବୈଠକରେ କମିଟି ସଭାପତି ଅଶ୍ୱିନୀ ବଡ଼ାଇ, ମହିମା ପ୍ରସାଦ ବଡ଼ାଇ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ମହୁଲି ମଦ ଜବତ, ୨ ଗିରଫ

**କୁଚିଣ୍ଡା,୨୩।୩(ଡି.ଏନ.ଏ.):** କୁଚିଣ୍ଡା ଅବକାରୀ ବିଭାଗ ବୁଧବାର ମହୁଲପାଲି ଥାନା ଅନ୍ତର୍ଗତ କୁକମ ଓ କୁନ୍ତରା ଗ୍ରାମରେ ଚଢ଼ାଉ କରି ୩୨ ଲିଟର ମହୁଲି ମଦ ଜବତ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ବେଆଇନ ରନ୍ଧା ମହୁଲି ମଦ ରଖିବା ଅଭିଯୋଗରେ କୁକମ ଗ୍ରାମର ଦୀପକ ବାରିକଙ୍କୁ ଗିରଫ କରି ତାଙ୍କଠାରୁ ୧୪ ଲିଟର ମଦ ଜବତ କରାଯାଇଛି। ସେହିପରି କୁନ୍ତରା ଗ୍ରାମକୁ ବେଆଇନ ରନ୍ଧା ମଦ ଆଣୁଥିବା ସମୟରେ ଅନାମ କିଷାନଙ୍କୁ ଗିରଫ କରି ୧୮ ଲିଟର ମଦ ଜବତ କରାଯାଇଛି। ଏ ନେଇ କୁଚିଣ୍ଡା ଅବକାରୀ ବିଭାଗ ୨ଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଛି। ଏହି ଚଢ଼ାଉରେ ଅବକାରୀ ଏସ୍‌ଆଇ ଟଙ୍କଧର କିଷାନ, ଏଏସ୍‌ଆଇ ସମୀର ସାଇଁ, କୌଶିକ ରଞ୍ଜନ ତ୍ରିପାଠୀ, କନଷ୍ଟେବଲ ଜଗନ୍ନାଥ ମୁଣ୍ଡା, ରାଜେଶ ଲମଗା ଓ ସୁବାସିନୀ ମାଝି ପ୍ରମୁଖ ସାମିଲ ଥିଲେ।

### କେନ୍ଦୁପତ୍ର ଜବତ ମାମଲା: ୪ ଗିରଫ

**ନାକଟିଦେଉଳ,୨୩।୩(ଡ଼ି.ଏନ.ଏ.):** ନାକଟିଦେଉଳ ଥାନା ବାଟଗାଁ-ଛତାବର ରାସ୍ତାର କୁଞ୍ଜାମୁରା ଶିବ ମନ୍ଦିର ନିକଟରୁ ଚୋରା କେନ୍ଦୁପତ୍ର ଜବତ ମାମଲାରେ ବନ ବିଭାଗ ୪ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର ରେଢ଼ାଖୋଲ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦେବଗଡ଼ ଜିଲା ରିଆମାଳ ଥାନା ସୁନାରିପଡ଼ା ଗ୍ରାମର ବୈଷ୍ଣବ ବେହେରା, ଭିତରପଦ ଗ୍ରାମର ରମା ମହାନନ୍ଦ, ନାକଟିଦେଉଳ ଥାନା କୁଞ୍ଜାମୁରା ଗ୍ରାମର ଶିବସୁନ୍ଦର ସାହୁ ଓ ଅନୁଗୋଳ ଜିଲା କିଶୋରନଗର ଥାନା ବର୍ଗିପାଲି ଗ୍ରାମର ପ୍ରଦୀପ ରାଉଳ। ସୂଚନାଯୋଗ୍ୟ, ନାକଟିଦେଉଳ ବ୍ଲକ ଡ଼ଇଁଚା ଅଞ୍ଚଳରୁ କେନ୍ଦୁପତ୍ର ସଂଗ୍ରହ କରି ଅଭିଯୁକ୍ତମାନେ ନାକଟିଦେଉଳ-ବାଟଗାଁ-ଛତାବର ରାସ୍ତାରେ ଯାଉଥିବା ବେଳେ ନାକଟିଦେଉଳ ପୋଲିସ ବୁଧବାର ସେମାନଙ୍କୁ କାବୁ କରିଥିଲା। ପୋଲିସ ଚଢ଼ାଉ ବେଳେ ଓଡ଼ି୧୫ଏ-୦୪୯୯ନଂ. ବିଶିଷ୍ଟ ଟାଟା ଏସିଇ ଗାଡ଼ି ସହ ଏଥିରେ ଥିବା ୧୧୦ବଣ୍ଡଲ କେନ୍ଦୁପତ୍ର ଓ ଓଡ଼ି୨୮ଏ-୪୯୯୪ନଂ. ବିଶିଷ୍ଟ ବାଇକ୍ ଜବତ କରିଥିଲା। ପରେ ପୋଲିସ ଗିରଫ ବ୍ୟକ୍ତିମାନଙ୍କ ସମେତ ଜବତ କେନ୍ଦୁପତ୍ର ଓ ଗାଡ଼ି ନାକଟିଦେଉଳ ବନବିଭାଗକୁ ହସ୍ତାନ୍ତର କରିଥିଲା।

### ଭାଜପାର ବ୍ଲକ ଅଫିସ ଘେରାଉ

**ବ୍ରଜରାଜନଗର,୨୩।୩(ଡି.ଏନ.ଏ.):** ୯ଦଫା ଦାବି ନେଇ ଗୁରୁବାର ଭାଜପା ପକ୍ଷରୁ ଝାରସୁଗୁଡ଼ା ବ୍ଲକ ଅଫିସ ଘେରାଉ କରାଯାଇଥିଲା। ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ପୂର୍ତ୍ତବିଭାଗ ଡାକବଙ୍ଗଳାରୁ ବାହାରି ବସ୍‌ଷ୍ଟାଣ୍ଡ ଛକ, କାଳୀମନ୍ଦିର, ବଡ଼େଇମୁଣ୍ଡା ଦେଇ ବ୍ଲକ ଅଫିସରେ ପହଞ୍ଚିଥିଲେ। ସେଠାରେ ବିଡ଼ିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିତବଲେ। ପ୍ରମୁଖ ଦାବି ମଧ୍ୟରେ ସହରର ଜଳାଶୟର ପୁନରୁଦ୍ଧାର କରିବା, ଭୂମିହୀନଙ୍କୁ ଜମି ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ, ପାନୀୟ ଜଳ ବ୍ୟବସ୍ଥା, ସମସ୍ତ ଗଳି ରାସ୍ତାରେ ଆଲୁଅ ବ୍ୟବସ୍ଥା, ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ ଆଦି ଅନ୍ୟତମ। ଏହି ସମାବେଶରେ ଝାରସୁଗୁଡ଼ା ମଣ୍ଡଳ ସଭାପତି ଗଙ୍ଗାଧର କଣ୍ଟା, ହେମରଞ୍ଜନ ସିଂ, ପଦ୍ମିନୀ ପଟେଲ, ଅକ୍ଷୟ ରାଉତ, ହେମନ୍ତ ରୋହିଦାସ, ସୁନିଲ ରୋହିଦାସ, ଶଙ୍କର ଦେଓ, ବିହାରୀ ଓରାମ, ବେଦବ୍ୟାସ ସାହୁ, କୁନା ସିଂ, କେଶବ ରକ୍ସା, ସନ୍ତୋଷ କୌର ପ୍ରମୁଖ ସାମିଲ ଥିଲେ।

### ଚନ୍ଦ୍ରଶେଖର ବେହେରାଙ୍କ ୧୫୦ତମ ଜୟନ୍ତୀ

**ସମ୍ବଲପୁର,୨୩।୩(ବ୍ୟୁରୋ):** ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ଓ ଓଡ଼ିଶା ସାଂସ୍କୃତିକ ସମାଜର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ୧୫୦ତମ ଜୟନ୍ତୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସଭାପତିତ୍ୱ କରିଥିଲେ। ଜୟନ୍ତି ସମାରୋହର ଆବାହକ ରାମାନୁଜ ପଣ୍ଡା, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ସନ୍ତୋଷ କୁମାର ଦାଶ ଚନ୍ଦ୍ରଶେଖର ବେହେରାଙ୍କ ସଂଗ୍ରାମୀ ଜୀବନର ଅନେକ ଅନାଲୋଚିତ ଅଧାୟର ଉନ୍ମୋଚନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଫେସର ଅଖିଳ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା କାମରେ ଟଙ୍କା ଉଠୁଛି

**ସମ୍ବଲପୁର,୨୩।୩(ବ୍ୟୁରୋ)**



ଜନଶୁଣାଣି ଶିବିରରେ ଲୋକପ୍ରତିନିଧି ଓ ଅଧିକାରୀ।

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି**

**■ଜନଶୁଣାଣିରେ ଉଠିଲା ସ୍ୱର**

ରୋଜଗାର ସୃଷ୍ଟି କରି ଦାଦନ ଶ୍ରମିକ ଚାଲାଣ ରୋକିବା ପାଇଁ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଏହି ଯୋଜନାରେ ଶ୍ରମିକ, ଗରିବ ଶ୍ରେଣୀର ଲୋକମାନେ ଲାଭ ପାଉନାହାନ୍ତି। ସରକାରୀ କର୍ମଚାରୀ, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମିଳିତ ଭାବେ ଏହାର ଫାଇଦା ନେଉଛନ୍ତି। ଯୁଯୁମୁରା ବ୍ଲକର କେତେକ ପଞ୍ଚାୟତରେ ବିନା କାମରେ ବିଲ୍ କରି ଟଙ୍କା ହଡ଼ପ କରାଯାଇଛି। ସୂଚନା ଫଳକ ମଧ୍ୟ ନିର୍ମାଣ କରାଯାଉ ନାହିଁ। ଫଳରେ ଗ୍ରାମବାସୀ ପ୍ରକଳ୍ପ ସମ୍ପର୍କରେ ଜାଣିପାରୁ ନାହାନ୍ତି। ଟଙ୍କା ଉଠାଇନେବା ପରେ ଜଣାପଡୁଛି ବୋଲି ଗୁରୁବାର ଯୁଯୁମୁରା ବ୍ଲକ ସଭାଗୃହରେ ଆୟୋଜିତ ଜନଶୁଣାଣି ଶିବିରରେ କେତେଜଣ ଜନପ୍ରତିନିଧି ଓ ସାଧାରଣ ଲୋକ ଏଭଳି ଅଭିଯୋଗ ଆଣିଥିଲେ।

ଏଡିଏମ୍ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଶିବିର ଅନୁଷ୍ଠିତ ହୋଇଥିଲା। ସମସ୍ତ ଲାଇନ ବିଭାଗ ସହିତ ବ୍ଲକର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତି ପଞ୍ଚାୟତରେ ପ୍ରସ୍ତାବିତ ପ୍ରକଳ୍ପ ଓ ଚାଲିଥିବା ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା। ପ୍ରାୟ ସମସ୍ତ ପଞ୍ଚାୟତରେ ଏଭଳି କାମ ହେଉଥିବା ବେଳେ ବିଶେଷ କରି କେଶାପାଲି, ଗଡଲୁଇସିଂ, ଲିପିଣ୍ଡା, ଯୁଯୁମୁରା ପଞ୍ଚାୟତରେ ଏଭଳି ଅନେକ ପ୍ରକଳ୍ପ ଥିବା ନେଇ ଅଭିଯୋଗ ଉଠିଥିଲା। ସୂଚନା ଫଳକ ହାତୀ ଭାଙ୍ଗିଦେଉଥିବା ନେଇ ଜିଆର୍‌ଏସ୍ ମାନେ ସଫେଇ ଦେଇଥିଲେ। ହେଲେ ବୋର୍ଡ ତିଆରି ନ କରି ହାତୀର ଦୋଷ ଦେଉଛ ବୋଲି ଅଧିକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହାସହ ସରକାରଙ୍କ ନିୟମ ଅନୁସାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ କରିବା ସହ ପ୍ରକଳ୍ପଗୁଡିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା, ଅଧିକ ଶ୍ରମ ଦିବସ ସୃଷ୍ଟି କରି ଶ୍ରମିକ ନିୟୋଜିତ କରିବାକୁ କହିଥିଲେ। ଜନ ପ୍ରତିନିଧି କ୍ଷୋଭ ପ୍ରକାଶ କରି କହିଥିଲେ, କୌଣସି ପ୍ରକଳ୍ପ ହେବା ପୂର୍ବରୁ ଅତି କମ୍‌ରେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅବଗତ କରାଯାଉ। ସେମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରି ମତ ସଂଗ୍ରହ କରି ଅଧିକ ଶ୍ରମିକ ନିୟୋଜିତ କରିବାରେ ସହଯୋଗ କରିବେ। କାମ ତଦାରଖ କରାଯିବା ଫଳରେ ସ୍ୱଚ୍ଛତା ଓ ଦୁର୍ନୀତିମୁକ୍ତ ହୋଇପାରିବ। କାମ କରିବା ପରେ ଶ୍ରମିକ ଓ ସାମଗ୍ରୀ ବାବଦକୁ ବର୍ଷ ବର୍ଷ ଧରି ବିଲ୍ ଟଙ୍କା ଦିଆଯାଉ ନାହିଁ। ଫଳରେ କାମ ଆଗେଇପାରୁ ନାହିଁ। ଯଦି ଏଭଳି ଚାଲେ ତା'ହେଲେ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ପୁରା ଠପ୍ ହୋଇଯିବ। ଜିଲାରେ ବ୍ଲକ ପଛରେ ପଡିଯିବ ବୋଲି ମତପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ୨୦୧୭ରୁ କେତେ ଘର ଆସିଛି, ଟଙ୍କା ନେଇଥିଲେ ମଧ୍ୟ କେତେ ଘର ଅସମ୍ପୂର୍ଣ୍ଣ ରହିଛି ସେ ନେଇ ଅଧିକାରୀମାନେ ପ୍ରଶ୍ନ କରିଥିଲେ। ଏହାସହ ଚଳିତବର୍ଷ ମିଳିଥିବା ଘର ଠିକ୍ ସମୟରେ ସାରିବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ମମତା ନାଏକ, ଉପାଧକ୍ଷା ମନ୍ଦାକିନୀ ବିଶ୍ୱାଳ, ଜିଲା ପରିଷଦ ସଭ୍ୟା କବିତା ସାହୁ, ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ବ୍ରଜେନ୍ଦ୍ର କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଜିପିଇଓ ଲାଲା ମୋହନ ବୁଡେକ ଶିବିର ପରିଚାଳନା କରିଥିବା ବେଳେ ଏପିଓ ବିଶ୍ୱରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଦୋଳନରୁ ଓହରିଲା ରେଳ ୟୁଜର ଫୋରମ୍

**ବେଲପାହାଡ,୨୩।୩(ଡି.ଏନ.ଏ.)**

ପ୍ରତିଶ୍ରୁତି ମିଳିବା ପରେ ଗୁରୁବାର ହେବାକୁ ଥିବା ରେଲରୋକୋ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ଦାବି କରାଯାଇଥିବା ୭ ଟ୍ରେନ୍ ମଧ୍ୟରୁ ରେଳ ବିଭାଗ ବେଲପାହାଡ ରେଳ ଷ୍ଟେଶନରେ ୪ ଟ୍ରେନ୍ ରହଣିର ଅନୁମତି ଦେବାସହ ବାକି ୩ ଟ୍ରେନ୍ ରହଣି ପାଇଁ ପଦକ୍ଷେପ ନିଆଯିବ ବୋଲି କହିବା ପରେ ବେଲପାହାଡ ଲଖନପୁର ରେଳ ୟୁଜର ଫୋରମ ଆନ୍ଦୋଳନରୁ ଓହରିଛି। ତେବେ ଆନ୍ଦୋଳନର ଦିନକ ପୂର୍ବରୁ ବୁଧବାର ରାତିରେ ରେଳବାଇ ପକ୍ଷରୁ ୪ ଟ୍ରେନ୍ ରହଣି ପାଇଁ ଅନୁମତି ଦିଆଯାଇଥିଲା। ସକାଳୁ ଆରମ୍ଭ ହେବାକୁ ଥିବା ରେଲରୋକୋ ଆନ୍ଦୋଳନକୁ କୋହଳ କରାଯାଇ ଷ୍ଟେଶନ ପରିସରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନରେ ବେଲପାହାଡ ଲଖନପୁର ତଥା ଆଖପାଖ ଅଞ୍ଚଳର ବହୁ ଲୋକ ଯୋଗଦେଇଥିଲେ। ତେବେ ବିଳାସପୁର ରେଳ ଡିଭିଜନ ପକ୍ଷରୁ ଏସିଏମ୍ ରାକେଶ ସିଂ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଲୋକଙ୍କ ଦାବି ପୂରଣ କରିବାର ପ୍ରତିଶ୍ରୁତି ଦେଇଥିଲେ। ଆନ୍ୟପଟେ ଆଜିର ଆନ୍ଦୋଳନକୁ ସମର୍ଥନ ଜଣାଇ ବେଲପାହାଡ ଅଞ୍ଚଳରେ ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ରେଳ ଷ୍ଟେଶନ ପରିସରରେ ୧୪୪ ଧାରା ଲାଗୁ କରାଯିବା ସହ ରେଲୱେ ଏବଂ ଓଡିଶା ପୋଲିସ ମୁତୟନ କରାଯାଇଥିଲା।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପ୍ରତିଯୋଗିତା



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ସମ୍ବଲପୁର,୨୩।୩(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ଅଧ୍ୟାପନା ପ୍ରକୋଷ୍ଠରେ ବାର୍ଷିକ ଉତ୍ସବ ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର ଏନ୍ ନାଗାରାଜୁ ଅଧକ୍ଷତା କରିଥିଲେ। କୁଳସଚିବ ଯୁଗଳେଶ୍ୱରୀ ଦାସ, ଉପକୁଳସଚିବ ଡ. ଉମାଚରଣ ପତି, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଡ. ସୁଶାନ୍ତ କୁମାର ଦାସ, ବାଣିଜ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ଶ୍ୟାମାଚରଣ ଆଚାର୍ଯ୍ୟ, ଭୀମ ଭୋଇ ଗବେଷଣା କେନ୍ଦ୍ରର ପ୍ରଫେସର ଡ଼. ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କୁଇଜ୍, କବିତା ଆବୃତ୍ତି, ରଙ୍ଗୋଲି ଓ ମେହେନ୍ଦି, ମାଷ୍ଟର ସେଫ, ଷ୍ଟାର୍ଟଅପ୍ ମେଳା, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଡିଏଭି ବିଜ୍‌ନେସ ସ୍କୁଲ ଭୁବନେଶ୍ୱର ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେଇଥିଲା। ସମୀରଣ ମିଶ୍ର ସଂଯୋଜନା କରିଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ଼. ପ୍ରିୟବ୍ରତ ପଣ୍ଡା, ଅଧାପକ ଡ଼. ଜ୍ଞାନ ରଞ୍ଜନ ବଳ ଓ ଅଧାପକ ସୁବାସ ଝାଙ୍କର, ଅଧାପିକା ସରୋଜା ମେହେର, ଏ.ପି. ସିଂହ, ବିକାଶ ବୁଟ୍ଟୁ, କ୍ଷୀରୋଦ ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଡ଼. ଜ୍ଞାନ ରଞ୍ଜନ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧାରେ ରହିଲା ହନୁମାନ ଜୟନ୍ତୀ ଶାନ୍ତି କମିଟି ବୈଠକ



ଜିଲାପରିଷଦ ସମ୍ମିଳନୀ କକ୍ଷରେ ଶାନ୍ତି କମିଟି ବୈଠକ ।

**ସମ୍ବଲପୁର,୨୩।୩(ବ୍ୟୁରୋ)**

ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ହନୁମାନ ଜୟନ୍ତୀ ଶାନ୍ତି କମିଟି ବୈଠକ ଅଧାରେ ରହିଯାଇଛି। ଜିଲାପାଳ ଓ ଏସ୍‌ପିଙ୍କ ଅନୁପସ୍ଥିତିରେ ବୈଠକ ଫଳପ୍ରଦ ହେବନାହିଁ। ନିଷ୍ପତ୍ତି ନେବାର କ୍ଷମତା ଉପସ୍ଥିତ ଅଧିକାରୀମାନଙ୍କର ନାହିଁ। ପ୍ରଶ୍ନ ଓ ଆଲୋଚନା କଲେ ଉତ୍ତର ମିଳିବ ନାହିଁ କି ସମାଧାନ ହୋଇ ପାରିବ ନାହିଁ। ତେଣୁ ଆଜିର ବୈଠକକୁ ଅନ୍ୟଦିନରେ କରାଯାଉ ବୋଲି ଦାବି କରି କମିଟି ସଦସ୍ୟମାନେ ଉଠି ଚାଲିଆସିଥିଲେ। ନିର୍ଦ୍ଧାରିତ ସମୟରେ ବୈଠକ ଆରମ୍ଭ ହୋଇଥିଲା। ହେଲେ ଜିଲାପାଳ ଅନନ୍ୟା ଦାସ ଓ ଏସ୍‌ପି ବାତୁଲା ଗଙ୍ଗାଧର କାର୍ଯ୍ୟବ୍ୟସ୍ତତା ଯୋଗୁ ଅନୁପସ୍ଥିତ ରହିଥିଲେ। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କ ସମେତ ଅନ୍ୟ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ। କମିଟି ସଦସ୍ୟମାନେ କହିଥିଲେ, ହନୁମାନ ଜୟନ୍ତି ଶୋଭାଯାତ୍ରା ସମୟରେ ପ୍ରଶାସନ କଡ଼ା ଅଭିମୁଖ୍ୟ ଗ୍ରହଣ କରି କଟକଣା କରୁଛି। ହେଲେ ଅନ୍ୟ ସମ୍ପ୍ରଦାୟ ଶୋଭାଯାତ୍ରାରେ କୋହଳ କରୁଛି। ନିୟମ ଆମ ପାଇଁ ଅଲଗା କରାଯାଇଛି। ପ୍ରଶାସନ ଶୀଘ୍ର ସମାଧାନ କରିବାକୁ ପଦକ୍ଷେପ ଗ୍ରହଣ କରୁ ବୋଲି କହିଥିଲେ। ଶେଷରେ ଜିଲାପାଳ ଦାସ ଅନ୍ୟ ଦିନରେ ବୈଠକ କରିବାକୁ ପରାମର୍ଶ ଦେବାରୁ ବୈଠକ ସ୍ଥଗିତ ରହିଥିଲା। ହନୁମାନ ଜୟନ୍ତି ସମନ୍ୱୟ ସମିତି ସଭାପତି ରାଜକୁମାର ବଡପଣ୍ଡା, ଦାମ କର, ରାମଚନ୍ଦ୍ର ମେହେର, ଅନିଳ ବେହେରା, ସରୋଜ ଘଡେଇ, ସୌମିତ୍ର ଜତିଷ, ସନ୍ତୋଷ ଡାଲୁଆ, ରବି ପଟ୍ଟନାୟକ, ସୁଧୀର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବି

**ସମ୍ବଲପୁର,୨୩।୩(ବ୍ୟୁରୋ)**

ସମ୍ବଲପୁର ମହାନଗମ ନିଗମ ଅନ୍ତର୍ଗତ ଜେଲଛକରୁ ଧନୁପାଲି ରାସ୍ତାପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପାଇଁ ଭାଜପା ନେତା ସୂର୍ଯ୍ୟ ପାଣିଗ୍ରାହୀ ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ଜେଲଛକରୁ ଧନୁପାଲି ଛକ ଦୁଇଥାକିଆ ରାସ୍ତା ବିଳମ୍ବ ହେଉଥିବା ବେଳେ ଉଭୟ ପାର୍ଶ୍ୱର ଜମି ଅଧିଗ୍ରହଣ ଓ ସୀମା ନିର୍ଦ୍ଧାରଣ ନେଇ ବିବାଦ ପିଛା ଛାଡୁନାହିଁ। ହରଡ଼ ଜୋର ଉପରେ ଦ୍ୱିତୀୟ ବ୍ରିଜ ଯାତାୟାତ ପାଇଁ ନିର୍ମାଣ ହୋଇଛି। ହେଲେ ଆଜିଯାଏ ଉଦ୍‌ଘାଟନ ହୋଇପାରି ନାହିଁ। ଜମି ଅଧିଗ୍ରହଣ ନେଇ ଦ୍ୱନ୍ଦ୍ୱ ଲାଗିରହିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ଭିନ୍ନ ଭିନ୍ନ ସ୍ଥାନ ଚିହ୍ନଟ କରାଯାଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ସରକାରୀ ଜମି ରହିଛି। ସୀମା ନିର୍ଦ୍ଧାରଣ କରି ଜମି ଉଚ୍ଛେଦ କରାଯାଉ ବୋଲି ସେ ଦାବି କରିଛନ୍ତି।

# ଜିଲାସ୍ତରୀୟ ପୋଷଣ ପକ୍ଷ ଉଦ୍‌ଘାଟିତ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ସମ୍ବଲପୁର,୨୩।୩(ବ୍ୟୁରୋ)**

ଜିଲାପାଳଙ୍କ ଅଫିସ ପରିସରରେ ଥିବା ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ପୋଷଣ ପକ୍ଷ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନଆନ୍ଦୋଳନ ତଥା ସହଭାଗିତା ମାଧ୍ୟମରେ ପୋଷଣର ଗୁରୁତ୍ୱ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପଦଯାତ୍ରା, ସାଇକେଲ ରାଲି, ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି, ଯୁବ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପୋଷଣ ପକ୍ଷ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ଜିଲାର ବିଭିନ୍ନ ଆଇସିଡିଏସ୍ ପ୍ରକଳ୍ପ ଦ୍ୱାରା ବିଭିନ୍ନ ପୋଷଣଯୁକ୍ତ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲା ପରିଷଦ ରମେଶ ହାଁସଦା, ଜିଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲ, ଡିପିଏମ, ଓଏଲଏମ ଡ଼. ପୁଷ୍ପଶ୍ରୀ ନାୟକ, ଜିଲ୍ଲା ଯୁବ ଅଧିକାରୀ ମାରିଆନୁସ ବିଲୁଙ୍ଗ ସମେତ ସିଡିପିଓ, ଆଇସିଡିଏସ ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

# ଜଙ୍ଗଲ ନିଆଁ ନିର୍ବାପନ ପାଇଁ ସଚେତନତା

**ସମ୍ବଲପୁର,୨୩।୩(ବ୍ୟୁରୋ)**

ସମ୍ବଲପୁର ଜିଲା ରେଙ୍ଗାଲି ଫରେଷ୍ଟ ଅଫିସରେ ଜଙ୍ଗଲ ନିଆଁ ନିର୍ବାପନ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ରେଞ୍ଜର ପୃଥୀବିରାଜ ବେହେରା ସଭାପତିତ୍ୱ କରିଥିଲେ। ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ମୁଖ୍ୟଅତିଥି ଓ ତହସିଲଦାର ବେରିସସ ଡୁଙ୍ଗଡୁଙ୍ଗ, ରେଙ୍ଗାଲି ଆଦର୍ଶ ବିଦ୍ୟାଳୟ ଅଧକ୍ଷ ରମଣିକାନ୍ତ ସାହୁ, ସ୍ୱାଧୀନ ଏକତା ସଂଗଠନ ସଭାପତି ରାଜୀବ ମିଶ୍ର, ପ୍ରକୃତିବନ୍ଧୁ ଦାମୋଦର ମେହେର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଜଙ୍ଗଲରେ ନିଆଁ କାହିଁକି ଲାଗୁଛି ଓ ତାକୁ କିପରି ରୋକା ଯାଇପାରିବ ସେଥିପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା।

# ସମିତି ସ୍ତରୀୟ ବ୍ୟାଙ୍କ ସେବା, ଋଣ କର୍ମଶାଳା

**ରେଙ୍ଗାଲି,୨୩।୩(ଡି.ଏନ.ଏ.)**



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ସମ୍ବଲପୁର ଜିଲା ରେଙ୍ଗାଲି ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସମିତି ସ୍ତରୀୟ ବ୍ୟାଙ୍କ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି କଲ୍ୟାଣମଣ୍ଡପଠାରେ ସମିତି ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ସମିତି ସମ୍ପାଦକ ପ୍ୟାରୀ ମୋହନ ବୁଦ୍ଧିଆ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡ଼ିଆ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ରେଙ୍ଗାଲି ଶାଖା ପରିଚାଳକ ଚନ୍ଦନ କୁମାର ଦାସ, ବ୍ଲକ କୃଷି ଅଧିକାରୀ ମୁକେଶ ମିଶ୍ର, ସମିତି ଅନ୍ତର୍ଗତ ବହୁ ଚାଷୀ ଉପସ୍ଥିତ ଥିଲେ। ଶେଷରେ ଗାନ୍ଧୀ ବେହେରା ଧନ୍ୟବାଦ ଦେଇଥିଲେ।

# ଭୀମ ଭୋଇ ସାମର୍ଥ୍ୟ ଶିବିର

**ବ୍ରଜରାଜନଗର,୨୩।୩(ଡି.ଏନ.ଏ.)**

ବ୍ରଜରଜନଗର ପୌର କାର୍ଯ୍ୟାଳୟ ପରିସରରେ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷ ଯାଜ୍ଞସେନି ଓରାମ, ଉପନଗରପାଳ ଗୋପାଳ ସିତାନି, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଗୋଷ୍ଠୀ ସଙ୍ଗଠକ କୁଞ୍ଜ ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋପଲକ୍ଷ୍ମୀ ହୋତାଙ୍କ ସମେତ କାଉନସିଲରମାନେ ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ଡା. ପ୍ରୀତି ରଞ୍ଜନ ପାତ୍ର, ଡା. ବି.ଡ଼ି. ମହାନ୍ତି, ଡା. ଅରୁଣ ପ୍ରସାଦ ଭୟନା, ଡା. ଗୋପବନ୍ଧୁ ମହନ୍ତ ପ୍ରମୁଖ ରୋଗୀମାନଙ୍କୁ ପରୀକ୍ଷା କରି ଆବଶ୍ୟକ ପ୍ରମାଣପତ୍ର ଦେଇଥିଲେ। ଏଥିପାଇଁ ୧୭ଗୋଟି କାଉଣ୍ଟର ଖୋଲାଯାଇଥିଲା। ଶିବିରରେ ୩୬୧ଜଣ ପଞ୍ଜୀକରଣ କରିଥିଲେ। ପୌର କର୍ମଚାରୀ ଉପସ୍ଥିତ ରହି ପଞ୍ଜୀକରଣ କରିଥିଲେ।



ଶିବିରରେ ଲୋକପ୍ରତିନିଧି ଓ ଅନ୍ୟମାନେ।

# ଜଳର ଠିକ୍ ବିନିଯୋଗ ଏକ ବଡ଼ ଆହ୍ୱାନ

**ଆଇନ ମହାବିଦ୍ୟାଳୟରେ ବିଶ୍ୱ ଜଳ ଦିବସ**

**ସମ୍ବଲପୁର,୨୩।୩(ବ୍ୟୁରୋ)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ସମ୍ବଲପୁର ଆଇନ ମହାବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ଅଧକ୍ଷ ଡ. ବିଜୟାନନ୍ଦ ବେହେରାଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ପ୍ରଫେସର ଡ. ସୁକାନ୍ତ କୁମାର ନନ୍ଦ ମୁଖ୍ୟଅତିଥି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ମୁଖ୍ୟ ପ୍ରଫେସର ମୀନକେତନ ସାହୁ ଓ ପ୍ରଫେସର ସୁଧାଂଶୁ ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରିବେଶବିତ ରଞ୍ଜନ ପଣ୍ଡା ମୁଖ୍ୟ ବକ୍ତା ରୂପେ ଯୋଗଦେଇ କହିଥିଲେ, ଏକବିଂଶ ଶତାବ୍ଦୀରେ ଜଳର ଠିକ୍ ବିନିଯୋଗ ବିଶ୍ୱ ସମୁଦାୟ ଆଗରେ ଏକ ବଡ ଆହ୍ୱାନ ରୂପେ ଛିଡା ହୋଇଛି। ଭାରତରେ ଜଳ ପ୍ରଦୂଷଣକୁ ରୋକିବା ଲାଗି ଆଇନ ପ୍ରଣୟନ ହୋଇଥିଲେ ସୁଦ୍ଧା ସଚେତନତା ଅଭାବରୁ କାର୍ଯ୍ୟକାରୀ ହୋଇପାରୁନାହିଁ। ମାନସିକତାରେ ପରିବର୍ତ୍ତନ ଆଣିଲେ ଉକ୍ତଟ ଜଳାଭାବ ଭଳି ସଙ୍କଟକୁ ସହଜରେ ଏଡାଇ ଦିଆଯାଇ ପାରିବ। ତେଣୁ ବିଶ୍ୱ ଜଳ ଦିବସକୁ ପ୍ରତୀକାତ୍ମକ ଭାବେ ପାଳନ ନ କରି, ଏହାର ଆଭିମୁଖ୍ୟକୁ ଚରିତାର୍ଥ କରିବା ପାଇଁ ଯୁବବର୍ଗ ଆଗେଇ ଆସିବା ଉଚିତ। ଆଖପାଖରେ ପାଣିର ଅପଚୟ କିମ୍ବା ଜଳ ପ୍ରଦୂଷିତ କରାଯାଉଥିଲେ ତା'ର ବିରୋଧ କରିବା ପାଇଁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମହାନଦୀର ଜଳ ଓଡିଶା କୃଷି ପାଇଁ ଜୀବନଧାରା ଥିବାବେଳେ ବର୍ତ୍ତମାନର ପରିସ୍ଥିତିକୁ ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରତ୍ୟେକ ଧର୍ମରେ ଜଳକୁ ଏକ ପୂଜ୍ୟ ବସ୍ତୁ ଭାବରେ ଅଭିହିତ କରାଯାଇଛି। ତେଣୁ ଏହାକୁ ସୁରକ୍ଷିତ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ହେଉ।

